### ନୀଳଗିରିରେ ବିଜେପି ଓ କଂଗ୍ରେସ୍ ଛାଡ଼ିଲେ ଶତାଧିକ ନେତା, କର୍ମୀ

# ବିଜେଡିରେ ରହି ଲୋକଙ୍କ ପାଇଁ କାମ କରିବୁ

ଭୁବନେଶ୍ୱର, ୭ ।୨(ସମିସ):



ରୂପାନ୍ତରଣର ସାରଥୀ, ବିକାଶ ପୁରୁଷ ନବୀନ ପଟ୍ଟନାୟକ ହିଁ ଓଡ଼ିଶାର ସର୍ବମାନ୍ୟ ନେତା। ତାଙ୍କର ନେତୃତ୍ୱ ଆମ ପାଇଁ ଗୌରବର ବିଷୟ। ଆଜି ଭୁବନେଶ୍ୱରର ଶଙ୍ଖ ଭବନରେ ଏପରି ନାରା ଦେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ସମସ୍ତଙ୍କୁ ଦଳରେ ସ୍ୱାଗତ କରିବା ସହିତ ତୃଣମୂଳ ସ୍ତରରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ବିଜେପି ଓ କଂଗ୍ରେସ କର୍ମୀଙ୍କ ବିଜେଡ଼ିରେ ଯୋଗଦାନ ଫଳରେ ବିଶେଷକରି ନୀଳଗିରି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜବୂତ ହେବ ବୋଲି ଶ୍ରୀ ଦେବ ବିଶ୍ୱାସବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ କର୍ମୀମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଯୋଗୁଁ ଓଡ଼ିଶା ଆଜି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପାଇଛି। ମହିଳା ସଶକ୍ତିକରଣ, ସମସ୍ତଙ୍କ ପାଇଁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି, ଶିଳ୍ପ ବିକାଶ, କ୍ରୀଡ଼ା ବିଶେଷକରି ଗରିବ କଲ୍ୟାଣ ନୀତି ପାଇଁ ନବୀନ ପଟ୍ଟନାୟକ ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ମାର୍ଗଦର୍ଶନରେ ଓଡ଼ିଶା ଶିଖର ଛୁଇଁଛି। ତାଙ୍କର ନୀତି ଆଦର୍ଶ ବିଜେଡିରେ ସାମିଲ ହେବା ପାଇଁ ଆମକୁ ପ୍ରେରଣା ଦେଇଛି। ଆମକୁ ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଥିଲେ।

ଏହି ମିଶ୍ରଣ ପର୍ବରେ ନୀଳଗିରି ଶିଶିର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ର, ମହିଳା ସଭାପତି ପରିସ୍ମିତା ଦାସ, ୬ନଂ ୱାର୍ଡ଼ କାଉନସିଲର ପ୍ରତାପ ସେଠୀ, ନୀଳଗିରି ଏନଏସି ୱାର୍ଡ଼ ନଂ୬ର କଂଗ୍ରେସ ଯୁବ ନେତା ସନ୍ତୋଷ କୁମାର ମହାପାତ୍ର, ନିଗମ ରଞ୍ଜନ ରାଉତ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡମ୍ବରୁଧର ବେହେରା, ପୂର୍ବତନ ସରପଞ୍ଚ ମଧୁସ୍ମିତା ସିଂ, ଚିନ୍ମୟ ଶରଣ ରାଉତ, ବିଜେପି ଯୁବ ନେତା ମୁକେଶ ସାହୁ, ଦେବାଶିଷ ନାୟକ, ପାର୍ବତୀ ସେଠୀ, ଝରଣା ସିଂ, ଲକ୍ଷ୍ମୀଧର ବାରିକ, ସ୍ୱାଧୀନ ଜିଲ୍ଲାପରିଷଦ ପ୍ରାର୍ଥୀ ମୋନାଲିସା ଦାସ, ଜଗବନ୍ଧୁ ବ୍ରହ୍ମ, ବୃନ୍ଦାବନ ପ୍ରଧାନ, ଅନୀଲ କୁମାର ଦାସ, ଶଶିକାନ୍ତ ବେହେରା, ମମତାରାଣୀ ବ୍ରହ୍ମ, ମାନସୀ ବେଜ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରଭାସ କୁମାର ବାରିକ, ଅମରେନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅମୃତ ବ୍ରହ୍ମ, ଷ୍ଟାଲିନ୍ ଦେ, ଦିବାକର ନାୟକ, ବଂଶୀଧର ନାୟକ, ପ୍ରଶାନ୍ତ କୁମାର ଜେନା, ପୂର୍ବତନ ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ଅର୍ଜୁନ ମାରାଣ୍ଡି, କମଳାକାନ୍ତ ସ, ପୂର୍ବତନ ସମିତିସଭ୍ୟ ପତିତପାବନ ସିଂଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀଙ୍କ ସ୍ମୃତିସଭା




ବଳରାମପୁର, ୭।୨(ସମିସ): ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ନୟାବାଲି ଗ୍ରାମର ସ୍ୱର୍ଗତ ବିଜୟ କୁମାର କରଙ୍କ ଏକାଦଶାହ ଓ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି କାଳିଚରଣ ବେହେରା, ସାମ୍ବାଦିକ ଦିଲ୍ଲୀପ ଦାସ, ସମାଜସେବୀ ରବୀନ୍ଦ୍ର କୁମାର ଜୈନ, ଅରବିନ୍ଦ ବେହେରା, ରବୀନ୍ଦ୍ର ଅଣ୍ଡିଆ, ଜୀବନକୃଷ୍ଣ ଦାସ, ସୁବ୍ରତ ମହାପାତ୍ର, ଦୀପକ କୁମାର ଦାସ, ଉମାକାନ୍ତ ସାମଲ, ମାନସ କୁମାର ଦାସ, ଶତ୍ରୁଘନ ପ୍ରମାଣିକ, ଗଦାଧର ବେହେରା, ସୁଦର୍ଶନ କର, ଇକଡ଼ପାଳ ସ୍କୁଲର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ପରିଡ଼ା, ରସଲପୁର ସ୍କୁଲର ଶିକ୍ଷକ ସୁବାସ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ପୂର୍ବତନ ଜିଲ୍ଲା ପରିଷଦ ଅଜୟ ସାହୁ, ଶ୍ୟାମ ପ୍ରସାଦ ବେହେରା, ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ବିଜେପି ବାଲିଆପାଳ ମଣ୍ଡଳ ସଭାପତି ନୀଳକଣ୍ଠ ଜେନା, ପାଉଁଶକୁଲି ମଣ୍ଡଳ ସାଧାରଣ ସମ୍ପାଦକ ସରୋଜ ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ ମେନେଜର ଭୂବନ ବାବୁ ଯୋଗଦେଇ ସ୍ମୃତିତର୍ପଣ କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ସ୍ୱର୍ଗତ କରଙ୍କ ସମାଜସେବାର ଜୀବନୀ ସ୍ମୃତି ବିଷୟରେ ଆଲୋଚନା କରିଥିଲେ।

## ଖବରକାଗଜ ବିତରକଙ୍କ ଅକାଳ ବିୟୋଗ

ବାରିପଦା, ୭ ।୨(ସମିସ): ବାରିପଦା ସହରରେ ଖବରକାଗଜ ବିତରକ ମୁନା ଓରଫ ଗଦାଧର ମହାକୁଡ (୪୩)ଙ୍କ ବୁଧବାର ଅପରାହ୍ନରେ ଅକାଳ ବିୟୋଗ ଘଟିଛି। ସେ ବଡ଼ସାହି ବ୍ଲକ ମାଣତ୍ରୀ ପଞ୍ଚାୟତର ମୂଷାଗଡ଼ିଆ ଗ୍ରାମର ପୁରୁଣାହାଟସାହିରେ ଭଡାରେ ରହୁଥିଲେ। କିଛିଦିନ ଧରି ସେ ରୋଗରେ ପୀଡିତ ଥିଲେ। ବୁଧବାର ତାଙ୍କୁ ସ୍ଥାନୀୟ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଲେ ତାଙ୍କର ମୃତ୍ୟୁ ଘଟିଛି।




### ରଣ ଖିଲାପ ମାମଲା

## ୧୪ ଗାଡ଼ି ମାଲିକଙ୍କ ବିରୋଧରେ ୱାରେଣ୍ଟ

ବାରିପଦା, ୭ ।୨(ସମିସ): ଫାଇନାନ୍ସ କମ୍ପାନୀରୁ ଗାଡି ରଣ ନେଇ ପରିଶୋଧ ନ କରିବା ମାମଲାର ବିଚାର ହୋଇଛି। ୧୪ଟି ଆବ୍ରିଟ୍ରେସନ୍ କେସରେ ମାମଲାକୁ ମୟୂରଭଞ୍ଜ ଜିଲ୍ଲା ଦୌରାଜଜ୍ ବିଚାରପତି ଅରବିନ୍ଦ ପଟ୍ଟନାୟକ ମାମଲାର ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଥିବା ଗାଡି ମାଲିକଙ୍କ ଜମି ଆଟାଚମେଣ୍ଟ ଓ ୱାରେଣ୍ଟ ଜାରି କରାଯାଇଛି। ଏଥିସହିତ ସୁନ୍ଦରମ୍ ଫାଇନାନ୍ସ କମ୍ପାନୀକୁ ପ୍ରୋସେସସିଂ ଫିସ ୧୦୦ ଟଙ୍କା ଲେଖାଏଁ ଜମା କରିବାକୁ ଆଦେଶ ଜାରି କରିଛନ୍ତି। ଫାଇନାନ୍ସ କମ୍ପାନୀ ପକ୍ଷରୁ ଓକିଲ ବିଦ୍ୟୁତ୍ କୁମାର ମହାନ୍ତି ମାମଲା ପରିଚାଳନା କରିଥିଲେ। ପ୍ରକାଶ ଯେ ବାରିପଦା ସୁନ୍ଦରମ୍ ଫାଇନାନ୍ସ କମ୍ପାନୀ ତରଫରୁ ଚେନେଇରେ ଆରବିର୍ଟେସନ ଟ୍ରିବୁନାଲରେ ଏକ ମାମଲା ହୋଇଥିଲା। ବାରିପଦା କୋର୍ଟରେ ଥିବା ୧୪ଜଣ ଗାଡି ରଣ ନେଇଥିବା ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

## ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଅଭିଯୋଗ

ରାଇବଣିଆ, ୭।୨ (ସମିସ): ରାଜ୍ୟ ସରକାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କର କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ବୌଦ୍ଧିକ ବିକାଶ ପାଇଁ 'ନୂଆ-ଓ' ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, କିପରି ଭାବରେ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥାପନ କରୁଛନ୍ତି ଓ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରୁଛନ୍ତି। ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସାଧୁ ଚରଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ତେଘରିଠାରେ ବ୍ୟତିକ୍ରମ ଦେଖାଦେଇଛି। ଏଠାରେ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ଆସିଥିବା ୩ ଲକ୍ଷ ଅର୍ଥକୁ ଠିକ୍ ଭାବରେ ବିନିଯୋଗ ନ ହୋଇ ଦୁର୍ନିତୀ ହୋଇ ଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ସୁଶାନ୍ତ କୁମାର୍ ସାହୁଙ୍କ ବିନା ଅବଗତିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତାନୋଜ କୁମାର୍ ହୁଇ ତଞ୍ଚକତା କରି ଅନ୍ୟ ଅଧ୍ୟାପକଙ୍କୁ ନେଇ କାର୍ଯ୍ୟକ୍ରମ କରିଥିଲେ। ସବୁଠାରୁ ବଡ଼ କଥା ହେଲା କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ ଦାୟିତ୍ୱରେ ଥିବା ଛାତ୍ରମାନଙ୍କୁ କୌଣସି ଖର୍ଚ୍ଚର ସୂଚନା ନ ଦେଇ ଚଞ୍ଚଳତା କରି ଏକ ସାଦା କାଗଜରେ କଲେଜର ଅଧ୍ୟକ୍ଷ ଦସ୍ତଖତ କରାଇ ନେଇଥିବା ଅଭିଯୋଗ ହୋଇଛି। କଲେଜର କୌଣସି କମିଟି ଗଠନ ନ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନାମରେ ଅର୍ଥ ହରିଲୁଟ ହେଉଥିବା ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଛାତ୍ରଛାତ୍ରୀ ଓ ନୋଡାଲ ଅଧିକାରୀ। ଏ ବାବଦରେ କଲେଜ ଅଧ୍ୟକ୍ଷଙ୍କ ମତାମତ ମିଳିପାରିନାହିଁ।

## ରୂପସା ବୀଣାପାଣି ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ରୂପସା, ୭।୨ (ସମିସ): ରୂପସା ବୀଣାପାଣି ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବସ୍ତା ସଂକୁଳ ପ୍ରମୁଖ ରତିକାନ୍ତ ଚୌଧୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନିରଞ୍ଜନ ପଣ୍ଡା ଶର୍ମା, ମୁଖ୍ୟବକ୍ତା ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାସ ଯୋଗ ଦେଇ କୁନି ପିଲାମାନେ ଦେଶପ୍ରେମ ଓ ଜାତିପ୍ରୀତିରେ ଉଦବୁଦ୍ଧ ହେଲେ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ଏସବିଆଇ ମ୍ୟାନେଜର ଶାନ୍ତନୁ କୁମାର ଲେଙ୍କା, ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ଯୋଗ ଶିକ୍ଷକ ମନୋଜ ସିଂହ, ଯୁଗ୍ମ ସମ୍ପାଦକ ସୁଧାକର ଗିରି ପ୍ରମୁଖ ଯୋଗ ଦେଇ ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ଗୁରୁଜୀ ଗୁରୁମା, ଅଭିଭାବକ ଦାୟିତ୍ୱବାନ ହେବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ସହ ସମ୍ପାଦକ ଭିକାରି ଚରଣ ମିସ୍ତ୍ରୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ପ୍ରଧାନ ଆଚାର୍ଯ୍ୟ ସେଲଭି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡା ଏବଂ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଏହା ପରେ କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ, ଅଣଶିକ୍ଷକ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ।

## ଚାକିରି କରାଇଦେବା ନାଁରେ ଠକେଇ

ରାଜଘାଟ, ୭ ।୨(ସମିସ): ଚାକିରି କରିଦେବାକୁ କହି ଜଣେ ଦଲାଲ ଜୈନିକ ଯୁବକଙ୍କ ଠାରୁ ୬୦ ହଜାର ଠକି ନେଇଥିବା ଅମର୍ଦ୍ଦାରୋଡ ଫାଣ୍ଡିରେ ଅଭିଯୋଗ ହୋଇଛି। ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମର ଗୀତାରାଣୀ ଦତ୍ତଙ୍କ ବଡ଼ପୁଅକୁ ଟାଟା ପାୱାରରେ ଚାକିରି କରିଦେବାକୁ ନେଇ ବାଲେଶ୍ୱର ଜିଲ୍ଲା ରାଜବରହମପୁର ଧରମପୁର ଗ୍ରାମର ସଞ୍ଜୀବ କୁମାର ବେହେରା ଗତ ବର୍ଷ ମାର୍ଚ୍ଚରେ ଲକ୍ଷେ ଟଙ୍କା ଦେବାକୁ ପଡ଼ିବ ଓ ଅଗ୍ରୀମ ବାବଦକୁ ୬୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଫଳସ୍ୱରୂପ ସଞ୍ଜୀବର ଅତି ଚିହ୍ନା ଓ ପରିଚିତ ଏହି ପଞ୍ଚାୟତର ନଟାକଟା ଗ୍ରାମର ବିକାଶ ସାହୁଙ୍କ ସହାୟତାରେ ଗୀତାରାଣୀ ସଞ୍ଜୀବଙ୍କୁ ୬୦ ହଜାର ଟଙ୍କା ଅଗ୍ରିମ ଆକାରରେ ଦେଇଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ସଞ୍ଜୀବ ତାଙ୍କର ଏକ୍ସିସ ବ୍ୟାଙ୍କର ଚେକ୍ ଗୀତାରାଣୀଙ୍କ ପାଖରେ ଜମା ରଖିଥିଲେ। ମାତ୍ର ଟଙ୍କା ଦେବାକୁ ଇତି ମଧ୍ୟରେ ବର୍ଷେ ବିତିବାକୁ ବସିଥିଲେ ହେଁ ଚାକିରିର କୌଣସି ନାଁ ଗନ୍ଧ ନଥିଲା। ଗୀତାରାଣୀ ଫୋନ କଲେ ସଞ୍ଜୀବ ତାଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଲିଗୁଲଜ କରୁଥିଲା। ତେଣୁ ଟଙ୍କା ଫେରି ପାଇବା ଆଶାରେ ସଞ୍ଜୀବ ଦେଇଥିବା ଜମା ଚେକଟିକୁ ବ୍ୟାଙ୍କରେ ଲଗାଇଥିଲେ। ମାତ୍ର ଚେକ୍‌ରେ ସଞ୍ଜୀବଙ୍କ ଦସ୍ତଖତ ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ଅନ୍ୟତ୍ର ଥିବାରୁ ତାହା ଲାଗି ପାରିବ ନାହିଁ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଫଳରେ ବାଧ ହୋଇ ଗୀତାରାଣୀ ସଞ୍ଜୀବଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବୁଧବାର ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।




## ସାଇକଲରେ ନରେନ୍ଦ୍ରଙ୍କ ଭାରତ ଭ୍ରମଣ

ବାଲେଶ୍ୱର, ୭ ।୨(ସମିସ):



ଦୃଢ଼ ସଙ୍କଳ୍ପ ନେଇ ଜଣେ ୪୮ବର୍ଷୀୟ ବ୍ୟକ୍ତି ସାଇକଲରେ ଭାରତ ଭ୍ରମଣ କରୁଛନ୍ତି। ସେ ବର୍ତମାନ ସୁଦ୍ଧା ଦୀର୍ଘ୧୩ହଜାର କିଲୋମିଟର ରାସ୍ତା ଅତିକ୍ରମ କରିସାରିଥିବା ବେଳେ ଆହୁରି ୩ହଜାର କିଲୋମିଟର ରାସ୍ତା ଭ୍ରମଣ ପାଇଁ ବାହାରିଛନ୍ତି। ସେ ହେଉଛନ୍ତି ହରିୟାଣା ରାଜ୍ୟ ବିୱାନି ଜିଲ୍ଲା ଅର୍ନ୍ତଗତ ନନ୍ଦଗାଁଓ ଅଞ୍ଚଳର ନରେନ୍ଦ୍ର ଯାଦବ। ସୂଚନା ଅନୁସାରେ, ସାଇକଲ ଯୋଗେ ଭାରତ ଭ୍ରମଣ କରିବା ସହ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସମେତ ଜ୍ୟୋର୍ତିଲିଙ୍ଗ ଦର୍ଶନ କରିବା ଅଭିଳାଷ ନେଇ ଆଗେଇ ଚାଲିଛନ୍ତି ନରେନ୍ଦ୍ର। ପୂର୍ବରୁ ମଧ୍ୟ ସେ ସାଇକେଲ ଯୋଗେ ଯାତ୍ରା କରି୧୩ହଜାର କିଲୋମିଟର ଅତିକ୍ରମ କରିଛନ୍ତି। କିଛି ଦିନ ବ୍ୟବଧାନ ପରେ ପୁଣି ସେ ଜାନୁଆରୀ୧୧ତାରିଖରୁ ନିଜ ଗାଁରେ ଥିବା ବାବା ପୂର୍ଣ୍ଣାଗୀରିଧାମ ଠାରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଆଜିକୁ ଦୀର୍ଘ୨୮ ଦିନରେ ବାଲେଶ୍ୱର ପହଁଚିଛନ୍ତି। ତାଙ୍କ କହିବା ଅନୁସାରେ, ଗଛ ଲଗାଅ ଓ ଜୀବନ ବଞ୍ଚାଇବା ବାର୍ତା ସହ ଭାରତରେ ଅବସ୍ଥିତ ଥିବା ବିଭିନ୍ନ ଜ୍ୟୋର୍ତିଲିଙ୍ଗ ଦର୍ଶନ ସମେତ ବହୁ ପର୍ଯ୍ୟଟନ ସ୍ଥଳୀ ବୁଲିବାର ଲକ୍ଷ୍ୟ ରଖିଛନ୍ତି। ଦୀର୍ଘ୨୮ ଦିନର ଯାତ୍ରା ମଧ୍ୟରେ ବିଭିନ୍ନ ରାଜ୍ୟ ହୋଇ ପଶ୍ଚିମବଙ୍ଗ ସମେତ ଦୀଘା ହୋଇ ବାଲେଶ୍ୱର ଜିଲ୍ଲାରେ ପହଁଚିଛନ୍ତି। ଏପରିକି ଆଗକୁ ସେ ୩ହଜାର କିଲୋମିଟର ରାସ୍ତା ଭ୍ରମଣ କରିବା ସହିତ ବାଲେଶ୍ୱର, ଭଦ୍ରକ ହୋଇ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିବେ। ପରେ ସେଠାରୁ ସେ ସିଧା ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି। ତାଙ୍କ ସାଇକେଲରେ ସେ ସବୁ ପ୍ରକାର ବ୍ୟବସ୍ଥା ରଖିଥିବା ବେଳେ ଶୀତ ପାଇଁ କମ୍ବଳ ଠାରୁ ଆରମ୍ଭ କରି ଅତ୍ୟାବଶକ ସାମଗ୍ରୀ ସବୁ ରଖିଛନ୍ତି। ୧୩ ହଜାର କିଲୋମିଟର ମଧ୍ୟରେ କାଶ୍ମୀର ଠାରୁ ଆରମ୍ଭ କରି କନ୍ୟାକୁମାରୀ, ନେପାଳ, କାଠମାଣ୍ଡୁ ମଧ୍ୟ ଭ୍ରମଣ କରିସାରିଛନ୍ତି ବୋଲି କହିଛନ୍ତି।

### ୯ ନଂ. ୱାର୍ଡ ଗାୟତ୍ରୀ ମନ୍ଦିର ଗଳିରେ ପିଇବା ପାଣି ସମସ୍ୟା

# ଲାଗିଛି ପାଇପ୍ ଓ ମିଟର; ଆସୁନି ପାଣି

ବାଲେଶ୍ୱର, ୭ ।୨(ସମିସ):

ବାଲେଶ୍ୱର ସହରକୁ ଅମୃତ ଯୋଜନାରେ ସାମିଲ କରାଯାଇଛି । ହେଲେ ଏବେ ବି ବିଭିନ୍ନ ୱାର୍ଡରେ ପିଇବା ପାଣି ସମସ୍ୟା ଲାଗି ରହିଛି । ହିତାଧିକାରୀଙ୍କ ଘରେ ପାଇପ ସଂଯୋଗ ସହ ମିଟର ମଧ୍ୟ ଲାଗିଛି ହେଲେ ପିଇବା ପାଣି ଆସୁନି । ସହରର ୯ନମ୍ବର ୱାର୍ଡ ଗାୟତ୍ରୀ ମନ୍ଦିର ଗଳିରେ ଏହି ସମସ୍ୟା ଦେଖାଦେଇଛି ।

ବାଲେଶ୍ୱର ପୌରପରିଷଦର ୯ ନମ୍ବର ୱାର୍ଡ ହେଉଛି ଗାୟତ୍ରୀ ମନ୍ଦିର ଗଳି । ଏହି ଠାରେ ପ୍ରାୟ୨୫ରୁ ୫୦ଘର ରହିଥିବା ବେଳେ ଲୋକସଂଖ୍ୟା ୩ଶହରୁ ଅଧିକ । ଅମୃତ ଯୋଜନା ମାଧ୍ୟମରେ ୨୦୧୮ ମସିହାରୁ ଲୋକମାନେ ସୁବିଧାରେ ପାଣି ପାଇଁ ଘରକୁ ଘର ପାଇପ ଯୋଗାଯାଇ ଟ୍ୟାପ ମଧ୍ୟ ଲାଗିଛି । ଏଥିମଧ୍ୟରେ ଦୀର୍ଘ ୫ ବର୍ଷ ବିତିଯିବା ପରେ ମଧ୍ୟ ସ୍ଥାନୀୟ ଲୋକେ ପାଇପ ଯୋଗେ ଘରେ ପାଣି ପାଇପାରିଲେ ନାହିଁ । ଅନ୍ୟପଟେ ଗତ ଦୁଇ ମାସ ତଳେ ହିତାଧିକାରୀଙ୍କ




କାନ୍ଥରେ ପାଣି ପାଇଁ ମିଟର ଲଗାଯାଇଥିବା ବେଳେ ୧୫ଦିନ ମଧ୍ୟରେ ଘରକୁ ପାଣି ସଂଯୋଗ ହୋଇଯିବ ବୋଲି କୁହାଯାଇଥିଲା । ହେଲେ ତାହା ମଧ୍ୟ ସମ୍ଭବ ହୋଇପାରି ନାହିଁ । ଏ ନେଇ ସ୍ଥାନୀୟ ବାସିନ୍ଦା ସଂଯୁକ୍ତା ପଟ୍ଟନାୟକ କୁହନ୍ତି, ପାଖାପାଖି ୩ବର୍ଷରୁ ଅଧିକ ହେବ ଘରକୁ ପାଇପ ସଂଯୋଗ କରାଯାଇଛି । ଏପରିକି ପାଣି ପାଇପ ସଂଯୋଗ ଏବଂ ମିଟର ପାଇଁ ୩୨ଶହ ଟଙ୍କା ଦେଇଛୁ । ହେଲେ ଏବେ ସୁଦ୍ଧା ପାଣି ସଂଯୋଗ ନ ହେବା କାରଣରୁ ମିଟର ଭାଙ୍ଗିବାକୁ ବସିଥିବାବେଳେ ପାଇପ ମଧ୍ୟ ଅଧିକାଂଶ ସ୍ଥାନରେ ଫାଟିଲାଣି । ଏପରି ସ୍ଥଳେ ଆମେ ନଳକୂପ ଉପରେ ଭରସା କରି ଚଳୁଛୁ । ସ୍ଥାନୀୟ ୱାର୍ଡ କାଉନସିଲରଙ୍କଠାରେ ଅଭିଯୋଗ ହୋଇଛି, ହେଲେ କାର୍ଯ୍ୟାନୁଷ୍ଠାନ ଶୂନ । ଅନ୍ୟଜଣେ ସ୍ଥାନୀୟ ବାସିନ୍ଦା ଜିତେନ୍ଦ୍ର ମହାନ୍ତି କହିଛନ୍ତି ଯେ, ଦୀର୍ଘ ଦିନ ଧରି ଅର୍ଥ ପୈଠ କରାଯାଇଥିଲେ ସୁଦ୍ଧା ପାଣି ଆସିପାରି ନାହିଁ । ବର୍ତ୍ତମାନ ଖରାଦିନ ଆସିଯାଇଥିବାରୁ ଭୂତଳ ଜଳସ୍ତର କମିବାରେ ଲାଗିଛି । ଏଣୁ ଭୂତଳ ଜଳସ୍ତରକୁ ଭରସା ନାହିଁ । ଅନ୍ୟପକ୍ଷେ ଏହି ପାଇପ ଯୋଗେ ପାଣି ପାଇବାର ଆଶା ଦିନକୁ ଦିନ ମଉଳି ଯାଉଛି । ଘଟଣା ନେଇ ସ୍ଥାନୀୟ କାଉନସିଲର ସଞ୍ଜୀବ କୁମାର ଦାସ କହିଛନ୍ତି ଯେ, ଅମୃତ ଯୋଜନାରେ ପାଣି ଯୋଗାଇବା ବ୍ୟବସ୍ଥା ହୋଇଥିଲା । ଖୁବ୍‌ଶୀଘ୍ର ସେମାନଙ୍କୁ ପାଣି ଯୋଗାଇ ଦିଆଯିବ ।

# ଇଂରାଜୀ ବିଭାଗର ଦିନିକିଆ କର୍ମଶାଳା



ବାଲେଶ୍ୱର, ୭ ।୨(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଆନୁକୂଲ୍ୟରେ ସନ୍ଦର୍ଭ ରଚନାର ବିବିଧ ସୋପାନ, ପ୍ରଣାଳୀ ଓ କୌଶଳ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ଡ. ଗୀତାଶ୍ରୀ ରୟ ଉକ୍ତ କର୍ମଶାଳାରେ ପୌରୋହିତ୍ୟ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ବିଜୟ କୁମାର ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଡ. ରୟ ତାଙ୍କ ବକ୍ତବ୍ୟରେ ସନ୍ଦର୍ଭ ରଚନାର ଗୁରୁତ୍ୱ ଓ ବିଭିନ୍ନ ସୋପାନ ଉପରେ ତଥ୍ୟ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଅଧ୍ୟାପକ ରଞ୍ଜନ ସାହୁ, ଅଧ୍ୟାପିକା ମିନତୀ ସେଠୀ ଓ ବର୍ଣ୍ଣନୀ ପଣ୍ଡା ସନ୍ଦର୍ଭ ରଚନାର ବିଭିନ୍ନ କୌଶଳ ଉପରେ ମତ ରଖିଥିଲେ । ବିଭାଗର ଅଧ୍ୟାପିକା ଅନୀତା ମିଶ୍ର ଓ ସଂଯୁକ୍ତା ସାମଲ ପ୍ରୋଜେକ୍ଟ ମାଧ୍ୟମରେ ତାଙ୍କର ମତ ରଖିଥିଲେ । ଉକ୍ତ କର୍ମଶାଳାରେ ଇତିହାସ ବିଭାଗର ଦୁଇ ଅଧ୍ୟାପକ କମଳାକାନ୍ତ ବେହେରା ଓ ଆକାଶ ସାହୁ ମଧ୍ୟ ଯୋଗଦେଇ ନିଜର ମତ ରଖିଥିଲେ । ଶହେରୁ ଅଧିକ ଛାତ୍ରଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇଥିଲେ । ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ରୋମାସା ଗିରି ଧନ୍ୟବାଦ ଦେଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୭ ।୨(ସମିସ): ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ଲକ୍ଷ୍ୟରେ ପ୍ରଥମଥର ପାଇଁ ରକ୍ତହୀନତା ନିରୂପଣ କରିବା ଉଦ୍ଦେଶ୍ୟରେ ରକ୍ତ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ଓ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ଏହି ଦୁଇଦିନିଆ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇଛି । ପ୍ରଥମ ଦିନରେ ଉଭୟ କ୍ୟାମ୍ପସରେ ପଢୁଥିବା କେବଳ ଛାତ୍ରୀ ଓ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ବସବାସ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ରକ୍ତନମୁନା ସଂଗ୍ରହ କରାଯାଇଛି । ଆସନ୍ତାକାଲି




ଛାତ୍ର, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀମାନଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇ ପରୀକ୍ଷଣ କରାଯିବ । ଶିବିରରେ ପୁରାତନ ଛାତ୍ର ସଂସଦର ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ, ସାଧାରଣ ସମ୍ପାଦକ ଡ. ଦେବଦତ୍ତ ଦାସ, ଉପସଭାପତି ଡ ମୀନତି ମିଶ୍ର, ଯୁଗ୍ମ ସମ୍ପାଦକ ଡ ଜଗନ୍ନାଥ ବେହେରାଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ଭବାନୀ ଶଙ୍କର ଜେନା, ଦେବଦତ୍ତ ନାୟକ ଓ ସତଦଳ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ଡ ସୂର୍ଯ୍ୟେନ୍ଦୁ କୁମାର ଦେ ଉଭୟ ନମୁନା ସଂଗ୍ରହ ସ୍ଥଳୀ ଯଥା କ୍ରୀଡା କମ୍ପ୍ଲେକ୍ସ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ । ସୂଚନା ଅନୁଯାୟୀ, ଏହି ଶିବିରରେ ପ୍ରାୟ୨ହଜାରରୁ ଅଧିକ ନମୂନା ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି । ରକ୍ତହୀନତାରେ ପୀଡିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଇରନ ବଟିକା ସହ ସିରପ ଔଷଧ ମାଗଣାରେ ଯୋଗାଇ ଦିଆଯିବ । ଏଥିସହ ଦୁଇମାସ ପରେ ପୁଣିଥରେ ସେମାନଙ୍କ ରକ୍ତ ପରୀକ୍ଷଣ କରାଯିବ । ଏତଦବ୍ୟତୀତ ପରୀକ୍ଷଣ କାର୍ଯ୍ୟକ୍ରମର ସବିଶେଷ ରିପୋର୍ଟ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯିବ । ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ସୋମା ନନ୍ଦ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସଦସ୍ୟ ଏହି ଶିବିରରେ ସହଯୋଗ କରିଥିଲେ ।

# ବନ୍ୟାଜଳରୁ ଉଦ୍ଧାର ପାଇଁ ମକ୍ ଏକ୍ସରସାଇଜ୍



ବାଲେଶ୍ୱର, ୭ ।୨(ସମିସ): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଏନଡିଆରଏଫର ମିଳିତ ଆନୁକୂଲ୍ୟରେ ଆଜି ବାଲେଶ୍ୱର ସଦର ବ୍ଲକ ବଇଁଚା ପଞ୍ଚାୟତସ୍ଥିତ ବାଲିଖିଘାଟ ନିକଟରେ ବନ୍ୟାଜଳ ଉଦ୍ଧାର ପାଇଁ ମକ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ବାଲେଶ୍ୱର ସଦର ତହସିଲଦାର ଆଶିଷ କୁମାର ମହାପାତ୍ର, ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀ, ପୁଲିସ, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଆଦି ବିଭାଗୀୟ ଅଧିକାରୀ, ଓସ୍ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟ ବିଶ୍ୱାଳ, ସମ୍ପର୍କ ଏନଜିଓ ପ୍ରତିନିଧି ପ୍ରଦୀପ କୁମାର ଜେନାଙ୍କ ସମେତ ସ୍ଥାନୀୟ ଅଧିବାସୀ ବହୁଳ ସଂଖ୍ୟାରେ ଯୋଗ ଦେଇଥିଲେ । ବନ୍ୟା ସମୟରେ କିପରି ଭାବେ ଜଳବନ୍ଦୀରୁ ଜନସାଧାରଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପାରିବ ଏବଂ ନିଜର ଆସବାବପତ୍ରରେ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ କିପରି ପ୍ରତ୍ୟେକ ବ୍ୟକ୍ତି ନିଜକୁ ବଞ୍ଚାଇପାରିବ ସେ ସମ୍ପର୍କରେ ଏନଡ଼ିଆରଏଫ ଅଧିକାରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଏଥିସହିତ ସ୍ଥାନୀୟ ଅଞ୍ଚଳ ଲୋକମାନେ କିପରି ଏନଡ଼ିଆରଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀ ସହ ଯୋଗାଯୋଗ ସ୍ଥାନ କରି ନିଜର ଜ୍ଞାନ କୌଶଳ ବଢ଼ାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବୈଠକ

ବାଲେଶ୍ୱର, ୭ ।୨(ସମିସ): କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧୀନ ଫେଡେରେଶନ, ଆସୋସିଏସନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ଆସନ୍ତା ୧୬ ତାରିଖରେ ଦେଶବ୍ୟାପି ଧର୍ମଘଟ ପାଇଁ ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ଜିଲ୍ଲା କମିଟିର ଏକ ବୈଠକ ସ୍ଥାନୀୟ ଷ୍ଟେସନ ଛକ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ସଂଘ ଉପସଭାପତି ସୁଷମା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ଦାସ ବିବରଣୀ ଉପସ୍ଥାନ କରି ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ଉପରେ କାର୍ଯ୍ୟଭାର ବଢ଼ାଇଥିଲେ । ଅନ୍ତରୀଣ କେନ୍ଦ୍ର ବଜେଟରେ ସ୍କିମ ୱାର୍କରଙ୍କୁ ୱାର୍କର ମାନ୍ୟତା ଦେଇ ନଥିବା ଓ ଭତ୍ତା ବୃଦ୍ଧି କରି ନ ଥିବାରୁ ଉଦବେଗ ପ୍ରକାଶ କରିଥିଲେ । ବଜାର ଦର ସୀମା ଲଙ୍ଘିଥିବା ବେଳେ ଏସଏନପି ସାମଗ୍ରୀର ବଜାର ଦର ନ ଦେଇ ସରକାର କର୍ମୀମାନଙ୍କୁ ଶୋଷଣ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଏତାଦୃଶ ଶ୍ରମିକ ବିରୋଧୀ ଜନବିରୋଧୀ



ନୀତି ବିରୋଧରେ ଦେଶବ୍ୟାପି ଧର୍ମଘଟ ସଫଳତା ପାଇଁ ବାଲେଶ୍ୱର ଜିଲ୍ଲାର ସମସ୍ତ ପ୍ରକଳ୍ପର ସମସ୍ତ କର୍ମୀକୁ ନିଜ ନିଜ ସମ୍ମୁଖରେ ବାଲେଶ୍ୱର ପୌରାଞ୍ଚଳ ପ୍ରକଳ୍ପ, ସଦର ପ୍ରକଳ୍ପ ଓ ଗ୍ରାମାଞ୍ଚଳ ପ୍ରକଳ୍ପର କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବସ ବ୍ୟାପି ସଭା, ଶୋଭାଯାତ୍ରା ଓ ଗଣଧାରଣା ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ନୀୟତୀ ସାହୁ, ବାସନ୍ତୀ ଦାସ, ଶକୁନ୍ତଳା ମାଝୀ, ନମିତା ଶତପଥୀ, ଶାନ୍ତିଲତା ନାୟକ, ପଦ୍ମାବତୀ ସାହୁ, ନିର୍ବାସିନୀ ପ୍ରଧାନ, ସାମ୍ବ୍ରିନ ଖାତ୍ରୀ, ଭାରତୀ ନାୟକ, ପ୍ରତିଭା ନାୟକ, ବାସନ୍ତୀ ସେଠୀ, ମୃଣାଳିନୀ ବେହେରା, ନିଶାମଣି ନାୟକ, ଅନ୍ନପୂର୍ଣ୍ଣା ରାଉତ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ସଂଯୁକ୍ତା ସିଂହ, ନଳିନୀ ପ୍ରଭା ପାତ୍ର, ଜୟନ୍ତୀ ତିଆଡି ଓ ସୁମିତ୍ରା ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ବୈଠକ ପ୍ରାରମ୍ଭରେ ଔପଦା ସିଡିପିଓଙ୍କ ବିୟୋଗରେ ଶୋକ ପ୍ରକାଶ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଆଞ୍ଚଳିକ ଉନ୍ନୟନ ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ

ବାଲେଶ୍ୱର, ୭ ।୨(ସମିସ): ଅଭିନବ ଅଭ୍ୟାସ ପ୍ରକଳ୍ପରେ ନୀଳଗିରିକୁ ଓଡ଼ିଶା ସରକାର ଅନ୍ତର୍ଭୁକ୍ତ କରିବା ସହ ଏକ ପ୍ରକଳ୍ପ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି । ଏଥିନେଇ ଆଞ୍ଚଳିକ ଉନ୍ନୟନ ପରିଷଦ ଅଯୋଧ୍ୟା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି । ଏହି ଅବସରରେ କୁହାଯାଇଛି ଯେ, ଏହି ପ୍ରକଳ୍ପ ଦ୍ୱାରା ନୀଳଗିରି ତେରେଲଡିହି ଗ୍ରାମରେ ଏକ ଖୋଲା ଜିମ୍ ପ୍ରତିଷ୍ଠା କରାଯିବ । ଯାହାଫଳରେ ଯୁବକମାନେ ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରିପାରିବା ସହ ଅନ୍ୟମାନେ ସ୍ୱାସ୍ଥ୍ୟଗତ ବ୍ୟାୟାମ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକଳ୍ପ ପାଇଁ ସରକାର୨୦ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ଏଥିପାଇଁ ଆଞ୍ଚଳିକ ଉନ୍ନୟନ ପରିଷଦ ଅଯୋଧ୍ୟାର ସଭାପତି ଡ ଚନ୍ଦନ କୁମାର ଷଡଙ୍ଗୀ, ଉପସଭାପତି ମଦନମୋହନ ମାଝୀ, ସମ୍ପାଦକ ସନ୍ତୋଷ କୁମାର ପରିଡ଼ା, ସହ ସମ୍ପାଦକ ଶ୍ରୀକୃଷ୍ଣ ପତି ଓ ସମସ୍ତ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ

ବାଲେଶ୍ୱର, ୭ ।୨(ସମିସ) :

ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଜି ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସରରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ବୈଦ୍ୟନାଥ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ୨୧ଟି ବରିଷ୍ଠ ନାଗରିକ ମଞ୍ଚର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ । ସାଧାରଣ ସମ୍ପାଦକ ଦାମୋଦର ନାୟକ ବୈଠକର ଉଦ୍ଦେଶ୍ୟ ଓ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଜିଲ୍ଲା କମିଟି ବୈଠକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଦାବି ପ୍ରସ୍ତାବ ପାଠ କରିଥିଲେ । ମଞ୍ଚର ପ୍ରତିଷ୍ଠାତା ବରିଷ୍ଠ ସଦସ୍ୟ ଶରତଚନ୍ଦ୍ର ଦାଶ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମଞ୍ଚର ଉପଦେଷ୍ଟା କମଳାକାନ୍ତ ବେହେରା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ ଆଇନ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ । ବିଭିନ୍ନ ଆଞ୍ଚଳିକ କମିଟି ଓ ଜିଲ୍ଲା କମିଟି ଦେବବ୍ରତ ପାଣିଗ୍ରାହୀ, ନିରଞ୍ଜନ ରାଉତ, ବଂଶୀଧର ନାୟକ, ଗୁରୁକଲ୍ୟାଣ ନନ୍ଦ, କୁମୁଦ ରଞ୍ଜନ ଗିରି, ସନ୍ୟାସୀ ବେହେରା, ଶରତ କୁମାର ମହାପାତ୍ର, ରାଜେନ୍ଦ୍ର ନାଥ ରାଉତ, ଶରତ କୁମାର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ମହାନ୍ତି, ରବୀନ୍ଦ୍ର ପ୍ରହରାଜ, ସୁରେନ୍ଦ୍ରନାଥ ପଣ୍ଡା, ଦୀନବନ୍ଧୁ ଲେଙ୍କା, ପ୍ରତୀମା ପଣ୍ଡା, ଡମ୍ବରୁଧର ବେହେରା, ଆଇନଜିବୀ ଲଳିତ କୁମାର ମିଶ୍ର, ଦାମୋଦର ଦାସମହାପାତ୍ର, ଉମେଶଚନ୍ଦ୍ର ମହାନ୍ତି, ବିଧାନଚନ୍ଦ୍ର ରାୟ, ବିପ୍ଳବ କୁମାର ମହାନ୍ତି, ଯଶୋଦା ନନ୍ଦନ ଆଶ, ଲୋଚନ ବେହେରା ଓ ସୋମନାଥ ନାୟକ ପ୍ରମୁଖ ବରିଷ୍ଠ ନାଗରିକମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ପର୍କିତ ସମସ୍ୟା ଗୁଡିକ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ କରାଯାଇଥିବା ଦାବି ଗୁଡିକ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ମାସିକ ଭତ୍ତା ୨ହଜାର ଟଙ୍କାକୁ ବୃଦ୍ଧି, ପୂର୍ବପରି ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ରିହାତି, ବାଲେଶ୍ୱର ଜିଲ୍ଲା ପାଇଁ ମଞ୍ଜୁରୀ ପ୍ରାପ୍ତ ବହୁମୁଖୀ ପ୍ରକଳ୍ପର ସଠିକ ସ୍ଥାନ ନିରୂପଣ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ସରକାରୀ ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଜରା ୱାର୍ଡ ପ୍ରତିଷ୍ଠା କରିବା, ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରୀ ଯୋଜନା ଗୁଡିକ ସମ୍ପର୍କରେ ସାଧାରଣରେ ଅବଗତ କରାଇବା, ଜିଲ୍ଲା ଓ ବ୍ଲକ ସ୍ତରରେ ବିଭିନ୍ନ ସଳରକାରୀ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ନେତୃତ୍ୱଙ୍କୁ ସାମିଲ କରାଇବା, ବାଲେଶ୍ୱରରୁ ବମ୍ବେ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବା, ସମସ୍ତ ବସରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସିଟର ବ୍ୟବସ୍ଥା, ନିର୍ଯ୍ୟାତିତ ହେଉଥିବା ବରିଷ୍ଠ ନାଗରିମାନଙ୍କ ଅଭିଯୋଗ ପାଇଁ ଉଦ୍ଦିଷ୍ଟ ଜିଲ୍ଲାସ୍ତରୀୟ ଟ୍ରିବ୍ୟୁନାଲକୁ କାର୍ଯ୍ୟକ୍ଷମ କରିବା, ବିଭିନ୍ନ କାର୍ଯ୍ୟ ପାଇଁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ଆସୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ସାମୟିକ ବିଶ୍ରାମଗୃହ ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା । ଏହି ଦାବି ଗୁଡିକ ଉପରେ ସରକାର ଓ ଜିଲ୍ଲା ପ୍ରଶାସନ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଯଦି ଗ୍ରହଣ ନ କରନ୍ତି ତେବେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲାସ୍ତରରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଜିଲ୍ଲା କମିଟିର ପୃଷ୍ଠପୋଷକ ସଦସ୍ୟତା ଗ୍ରହଣ କରିଥିବା ପଦ୍ମଲୋଚନ ଦତଙ୍କୁ ଏହି ବୈଠକରେ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଡ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ଓ ସଚିନ୍ଦ୍ର ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ମଞ୍ଚର ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୀତାରାମ ପ୍ରାଧାନ ଧନ୍ୟବାଦ ଦେଇଥିଲେ ।

DADLS-95



ଓଡ଼ିଶା ସରକାର

ବିଶିଷ୍ଟ ସଂଗ୍ରାମୀ ତଥା
ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ,
ମାନ୍ୟବର ବିଧାୟକ, ତାଳଚେର

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ,
ମାନ୍ୟବର ବିଧାୟକ, ପାଲଲହଡ଼ା

ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ,
ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର,
ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324

## ସମସ୍ୟା ଘେରରେ ଅର୍ଜୁନଚୁଆ ଗାଁ

# ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଲେ ଗ୍ରାମବାସୀ

**କେନ୍ଦୁଝର,୭।୨(ସମିସ)**



କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ବ୍ଲକ ଅଞ୍ଚଳର ଅନେକ ଗାଁ ଏବେବି ବହୁବିଧ ସମସ୍ୟା ମଧ୍ୟରେ ରହିଛି। ଆଗଭଳି ଦୁର୍ଗମ ଅଞ୍ଚଳ ନଥିଲେ ମଧ୍ୟ ଅନେକ ଗ୍ରାମକୁ ସବୁଦିନିଆ ରାସ୍ତା ହୋଇପାରିନାହିଁ। କେତେକ ଗାଁରେ ପାନୀୟ ଜଳ ସମାସ୍ୟାର ସମାଧାନ ହୋଇପାରି ନ ଥିବା ବେଳେ ବହୁବିଧ ସମାସ୍ୟାରେ ପଡି ଲୋକେ ସ୍ଥାନୀୟ ବ୍ଲକ ପ୍ରଶାସନକୁ ଦୋଷ ଦେଉଛନ୍ତି। ଏହିଭଳି ଅନେକ ସମସ୍ୟା ମଧ୍ୟରେ ରହିଥିବା ଏକ ଗାଁ ହେଉଛି ଗୌଣିଘଷା ପଞ୍ଚାୟତର ଅର୍ଜୁନଚୁଆ ଗାଁ। ଏହି ଗାଁଟି ଭଗାମୁଣ୍ଡା ଠାରୁ ୨୦ କିଲୋମିଟର ଏବଂ ବ୍ରାହ୍ମଣୀପାଳ ଠାରୁ ପାଖାପାଖି ୧୫ କିଲୋମିଟର ଦୂରରେ ଅବସ୍ଥିତ। ଗାଁଟି ପାହାଡପର୍ବତ ଘେରା ଗାଁ ଭାବେ ଜଣାଶୁଣା। ଅର୍ଜୁନଚୁଆ ଗାଁର ପରିବାର ସଂଖ୍ୟା ୩ ଶହରୁ ଅଧିକା ହୋଇଥିବା ବେଳେ ଲୋକସଂଖ୍ୟା ପାଖାପାଖି ୧୫୦୦ ହେବ। ଗାଁର ସମସ୍ତ ଜନସଂଖ୍ୟାରୁ ଅଧିକାଂଶ ଜନଜାତି ସାନ୍ତାଳ ସମ୍ପ୍ରଦାୟର ଲୋକ।ଗାଁର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭରଶୀଳ। ଚାଷ ବ୍ୟତିତ ଅନ୍ୟାନ୍ୟ କାମଧନ୍ଦା ଗାଁରେ ନଥିବାରୁ ଏବଂ ଅନେକ ଲୋକ ଅଶିକ୍ଷିତ ଥିବାରୁ ଗାଁରେ ବେକାରୀ ସମସ୍ୟା ମଧ୍ୟ ରହିଛି। ଅର୍ଜୁନଚୁଆ ଗାଁକୁ ସବୁଦିନିଆ ରାସ୍ତାଟିଏ ନାହିଁ। ବିଶୁଦ୍ଧ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ହୋଇନାହିଁ। ବର୍ତ୍ତମାନ ମୋବାଇଲର ଯୁଗ ହୋଇଥିବା ବେଳେ ଏଠାରେ ନେଟ୍‌ଓ୍ୱାର୍କ ନଥିବାରୁ ଲୋକଙ୍କର ମୋବାଇ ଥିଲେ ମଧ୍ୟ କାମରେ ଆସୁନାହିଁ। ଫଳରେ ଶିକ୍ଷିତ ଯୁବକ ଯୁବତୀମାନେ ଦୁନିଆଁ ସମ୍ପର୍କରେ ମିଳୁଥିବା ତଥ୍ୟ ଏବଂ ସୂଚନାରୁ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏଠାକାର ଲୋକେ ଚାଷ ଉପରେ ନିର୍ଭରଶୀଳ। କିନ୍ତୁ ସେମାନଙ୍କର ଫସଲ ବିକ୍ରୟ ପାଇଁ ହାଟବଜାରକୁ ଯିବା ଆସିବାରେ ଭଲ ରାସ୍ତା ନଥିବାରୁ ଅନେକ ସମୟ ଅଯଥାରେ ଫସଲ ନଷ୍ଟ ହେଉଛି। ସବୁଦିନିଆ ରାସ୍ତା ଅଭାବରୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ବର୍ତ୍ତମାନର ରାସ୍ତା ଅବସ୍ଥା ଏଭଳି ଅଧଘଣ୍ଟାର ରାସ୍ତାକୁ ୨/୩ ଘଣ୍ଟା ସମୟ ଲାଗୁଛି। ରାସ୍ତା ସମ୍ପର୍କରେ ସ୍ଥାନୀୟ ବ୍ଲକ ପ୍ରଶାସନକୁ ଲୋକେ ଅନେକବାର ଗୁହାରି କରିଛନ୍ତି। ମାତ୍ର ସେମାନଙ୍କର ସମାସ୍ୟାର ସମାଧାନ ହୋଇପାରିନାହିଁ। ତେଣୁ ଅର୍ଜୁନଚୁଆ ଗ୍ରାମବାସୀଙ୍କର ସମାସ୍ୟାର ସମାଧାନ ନିମନ୍ତେ ଅର୍ଜୁନଚୁଆ ନିମଛକରୁ ଖସାପଦା ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କରିବା, ଅର୍ଜୁନଚୁଆ ଆଶ୍ରମ ସ୍କୁଲ ଛକ ଠାରୁ କଟଘାଟିକୁ ରାସ୍ତା ସଂଯୋଗ, ଅର୍ଜୁନଚୁଆ ଚତୁରୀ ସାହି ସ୍କୁଲ ଠାରୁ ପିଙ୍ଗୁବାହାଳି ସାହିକୁ ରାସ୍ତା ସଂଯୋଗ, ପିଙ୍ଗୁ ବାହାଳି ସାହିକୁ ବିଦ୍ୟୁତ ସଂଯୋଗ, ଅର୍ଜୁନଚୁଆ ଗାଁରେ ମୋବାଇଲ ଟାୱାର ସ୍ଥାପନ, ବଡସାହି, ଚତୁରିସାହି, ପିଙ୍ଗୁବାହାଳି ସାହି, କେନ୍ଦୁସାହି, ମହୁଲସାହିକୁ ସୋଲାରପମ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପ୍ରଭୃତି ସମାସ୍ୟା ଗୁଡିକର ସମାଧାନ ଦିଗରେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଅର୍ଜୁନଚୁଆ ଅଞ୍ଚଳର ଯଦୁମଣୀ ମାରାଣ୍ଡି, ଜଗନ୍ନାଥ ମାଝୀ, ବରିଆଲା ସୋରେନ, ଦୁର୍ଗା ହେମ୍ବ୍ରମ, ନୀଳାମ୍ବର ହାଁସଦା, ଇନ୍ଦ୍ରମଣୀ ହେମ୍ବ୍ରମ, ସୁନାକର ହାଁସଦା, ଲକ୍ଷ୍ମଣ ମାଝୀଙ୍କ ସମେତ ଅନେକ ଜନସାଧାରଣ ନିବେଦନ କରି ଦାବିପତ୍ର ଦେଇଛନ୍ତି।

## ଅଦିନିଆ ଝଡ଼ ପବନ ଭାଙ୍ଗିଲା ଗଛ, ଉଡ଼ିଲା ଛପର

**ତୁରୁମୁଙ୍ଗା/ବଡବିଲ, ୭।୨ (ସମିସ):** କେନ୍ଦୁଝର ଜିଲ୍ଲାର କେତେକ ଅଞ୍ଚଳରେ ମଙ୍ଗଳବାର ରାତିରେ ଅଚାନକ ଝଡ ବର୍ଷା ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାଟଣା ବ୍ଲକ ଟାଙ୍ଗର ପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମ ସ୍କୁଲ ସାହିରେ ଘର ଉଡ଼ି ଯିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡି ଭାଙ୍ଗି ଯାଇଛି। ଗ୍ରାମର ବିପିନ ନାଏକ ଓ ହରି ନାଏକଙ୍କ ଆଜବେଷ୍ଟସ ଘର ଛପର ଉଡ଼ି ଯାଇଛି। ବଡ଼ବିଲ ପୌରାଞ୍ଚଳ ଠାକୁରାଣୀ ବଡ଼ବିଲ ମୁଖ୍ୟ ରାସ୍ତା ଅନ୍ତର୍ଗତ ରାଜୀବବିହାର ଓ ସନିମନ୍ଦିର ଅପର ପାର୍ଶ୍ୱରେ ଦୁଇଟି ଗଛ ଭାଙ୍ଗି ପଡିଥିବା ଜଣାପଡିଛି। ଏକ ଗଛ ରାସ୍ତା ଉପରେ ଭାଙ୍ଗି ପଡିଯିବାରୁ ପାଖାପାଖି ଏକ ଘଣ୍ଟା ପାଇଁ ରାସ୍ତା ଅବରୋଧ ହୋଇଯାଇଥିବା ବେଳେ ଶନିମନ୍ଦିର ସମ୍ମୁଖରେ ରଖାଯାଇଥିବା ଏକ କାର ଉପରେ ଗୋଟିଏ ଗଛ ଭାଙ୍ଗି ପଡିଥିବାରୁ ଗାଡିର ପଛପାଖ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକ ମିଶି ରାସ୍ତା ଉପରେ ପଡିଥିବା ଗଛକୁ ସଫା କରିଥିବା ଜଣାପଡିଛି। ସେହିପରି ବଡ଼ବିଲ ଭଦ୍ରାସାହି ରାଜ୍ୟ ରାଜପଥର ସେରେଣ୍ଡା ସ୍ଥିତ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ନିକଟରେ ଶୁଖିଲା ଶାଳ ଗଛ ପଡି ଦୁଇଟି ଗାଈ ଆହତ ହୋଇଥିବା ଜଣାପଡିଛି।

## ମୌଳିକ ସୁବିଧାରୁ ବଞ୍ଚିତ କୈଳାସ ପରିବାର

# ସରକାରୀ ସହାୟତା ପାଇଁ ନିବେଦନ

**ତେଲକୋଇ,୭ ।୨(ସମିସ):** ପେଟକୁ ଦାନା ନାହିଁ। ମୁଣ୍ଡ ଗୁଞ୍ଜିବାକୁ ଛପର ନାହିଁ। ଦୁର୍ଦ୍ଦଶାରେ କୈଳାସ ପରିବାର। ପରିବାରରେ ୧୧ଜଣ ସଦସ୍ୟ ରହିଥିବା ବେଳେ ବୟସର ଅପରାହ୍ନ ୨ଜଣ ରହିଛନ୍ତି। ସେମାନଙ୍କୁ ନା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ନାଁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। ଜଙ୍ଗଲରେ ବୁଲି ବୁଲି ବିଭିନ୍ନ ପ୍ରକାର ଆଳୁ, କନ୍ଦା ପ୍ରଭୃତି ଖାଇ ଜୀବନ ଅତିବାହିତ କରୁଛନ୍ତି ଏହି ପରିବାର। ଏଭଳି ନଗ୍ନଚିତ୍ର ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ଅଧୀନ ତାଳପଦା ପଞ୍ଚାୟତ ଶିମିଳିପାଳ ଗ୍ରାମ ମୁଣ୍ଡା ସାହିରେ। ଏହି ସାହିରେ ପଲିଥିନ ତଳେ ଜୀବନ ବିତାଉ ଛନ୍ତି କୈଳାସଙ୍କ ପରିବାର। ଯାହାକି କୈଳାସ ନାଏକ (୮୦) ଓ ତାଙ୍କ ପତ୍ନୀ ଚେମିଣି ନାଏକ (୭୦)। କୈଳାସଙ୍କ ଦୁଇ ପୁଅ ଥିଲେ ମଧ୍ୟ ଗୋଟେ ପୁଅ ଯକ୍ଷ୍ମା ରୋଗରେ ପଡ଼ି ୩ମାସ ହେବ ଆରପାରିରେ। ବୋହୂ ନାତି ନାତୁଣୀଙ୍କୁ ନେଇ ୧୧ଜଣ ରହିଛନ୍ତି। ଆବାସ ଯୋଜନା ଏହି ପରିବାର ପାଇଁ ସାତ ସପନ ହୋଇଥିବା ବେଳେ ବୃଦ୍ଧ କୈଳାସ ଓ ତାଙ୍କ ପତ୍ନୀଙ୍କୁ ଭତ୍ତା ମିଳିପାରୁ ନାହିଁ। ସେହିପରି ରାସନକାର୍ଡ ମଧ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରାସାସନିକସ୍ତରରେ ଅବହେଳା ଯୋଗୁଁ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଉକ୍ତ ପରିବାର। ସେହିପରି ମଲ୍ଲାର ସମ୍ପ୍ରଦାୟର ହୋଇଥିବାରୁ ପେଟକୁ ଦାନା ପାଇଁ ଜଙ୍ଗଲରୁ ପାଣି ଆଳୁ, ବାଇଙ୍ଗା ଆଳୁ ତଥା ଗଛର କନ୍ଦାକୁ ଖାଇ ଜୀବନ ବଞ୍ଚାଉଥିବା କୈଳାସ ଦୁଃଖର ସହ ପ୍ରକାଶ କରିଛନ୍ତି। ଉକ୍ତ ପରିବାରକୁ ସରକାରୀ ସୁବିଧା ଗୁଡ଼ିକ ତୁରନ୍ତ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବଢୁଛି ରଙ୍ଗିନ କୋବିର ଚାହିଦା

**ଚମ୍ପୁଆ,୭।୨(ସମିସ):** ଚମ୍ପୁଆ ଦୈନିକ ବଜାରରେ ଦିନକୁ ଦିନ ରଙ୍ଗୀନ କୋବିର ଆଦର ବଢିବାରେ ଲାଗିଛି। ଏହି କୋବି ବିକ୍ରି କରି ଚାଷୀ ବେଶ ଲାଭବାନ ହୋଇପାରୁଥିବା ବେଳେ ଗ୍ରାହକ ମାନଙ୍କ ମଧ୍ୟରେ ଏହି କୋବି କିଣିବାକୁ ନେଇ ଆଗ୍ରହ ଦେଖାଦେଇଛି। ସାଧାରଣ କୋବିଠାରୁ ଏହି କୋବି ଅଧିକ ସୁଆଦିଆ ଲାଗୁଥିବାରୁ ଗ୍ରାହକମାନେ ଏହାକୁ ପ୍ରଥମ ପସନ୍ଦ ରୂପେ ଗ୍ରହଣ କରିପାରୁଛନ୍ତି। ସାଧାରଣ କୋବି ଚମ୍ପୁଆ ପରିବା ବଜାରରେ ୧୦ରୁ ୨୦ ଟଙ୍କା ଗୋଟା ପ୍ରତି ବିକ୍ରି ହେଉଥିବା ବେଳେ ଗ୍ରୀନ ବା ବ୍ରୋକଲି ଜାତୀୟ କୋବି ୨୦ ରୁ ୩୦ ଟଙ୍କା ଏବଂ କାରେଣ୍ଟିନା ହଳଦିଆ କୋବି ୩୦ରୁ ୪୦ ଟଙ୍କା ଏବଂ ଭାଲେଣ୍ଟିନା ବାଇଗଣିଆ ରଙ୍ଗ କୋବିର ଚାହିଦା ବଢି ବର୍ତ୍ତମାନ ୪୦ ରୁ ୫୦ ଟଙ୍କା ଦରରେ ବିକ୍ରି ହେଉଛି। ସାଧାରଣ କୋବି ଭଳି ୮୦ ରୁ ୯୦ ଦିନ ମଧ୍ୟରେ ଚାଷୀ ଏହାକୁ ଅମଳ କରିପାରୁଥିବା ବେଳେ ଏହାର ମଞ୍ଜି ଅନ୍ୟ କୋବି ତୁଳନାରେ ଅଧିକ ଦାମ ରହିଛି। ସାଧାରଣ କୋବିର ମଞ୍ଜି ୧୦ ଗ୍ରାମକୁ ୫୦୦ ଟଙ୍କା ପଡୁଥିବା ବେଳେ ଭାଲେଣ୍ଟିନା ଓ କାରେଣ୍ଟିନା କୋବିର ମଞ୍ଜି ୨୦୦ଟିକୁ ୩୦୦ ରୁ ୩୫୦ ଟଙ୍କା ମଧ୍ୟରେ ପଡୁଥିବା ଚାଷୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ ଏହି ନୂଆ କୋବି ଚାଷକୁ ପରୀକ୍ଷାମୂଳକ ଭାବେ କମ୍ କମ୍ ଲଗାଇଥିବା ବେଳେ ଚଳିତ ବର୍ଷ ଅଧିକ ଲାଭବାନ ହେବା ସହିତ ସଫଳ ମଧ୍ୟ ହୋଇଛନ୍ତି।



# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ତେଲକୋଇ,୭ ।୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବେଣାମୁଣ୍ଡାସ୍ଥିତ ଗୋପାଳଜିଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିସରରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ କଳ୍ପତରୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବରେ ଅଧ୍ୟାପକ ଶ୍ରୀନିବାସ ଜେନା, ଇଂରାଜୀ ଅଧ୍ୟାପିକା ଚିନ୍ମୟୀ ଜେନା, ବରିଷ୍ଠ କିରାଣି ଅକ୍ଷୟ କୁମାର ଥମ୍ବ ପ୍ରମୁଖ ଯୋଗଦେଇ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମାଷ୍ଟରଟ୍ରେନର ଅନୁସୟା ଦାସଙ୍କ ତାଲିମରେ ପ୍ରତ୍ୟେକ ଛାତ୍ରୀ ବିଶେଷ ଲାଭ କରିଥିବା ବିଷୟ ଅଧ୍ୟକ୍ଷ ପ୍ରକାଶ କରିଥିଲେ। ନୋଡାଲ ଅଫିସର ଇନଚାର୍ଜ ବ୍ରହ୍ମାନନ୍ଦ ମହାନ୍ତି ଖେଳଶିକ୍ଷକ ଶିବିର ପରିଚାଳନା କରିବା ସହିତ ସଭା ପରିଚାଳନାରେ ସହଯୋଗ କରିଥିଲେ।




## ଖୁଣ୍ଟାପଡ଼ା ବିଦ୍ୟାଳୟରେ ଶିଶୁ ତରଙ୍ଗ ଉତ୍ସବ

**ପାଟଣା, ୭।୨(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ସଂଗଠନ ଆସ୍ୱାୟାର ପକ୍ଷରୁ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଶିଶୁ ତରଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ରଙ୍ଗୋଲି, ଚିତ୍ରାଙ୍କନ, ଦୌଡ଼, ପୁଚି ଓ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଆସ୍ୱାୟାର ସଂଗଠନର ମନୋଜ କୁମାର ବେହେରା, ସରୋଜ କୁମାର ସେଠୀ, କାହ୍ନୁଚରଣ ମହାନ୍ତ, ଶିକ୍ଷୟତ୍ରୀ ରଞ୍ଜିତା ମହାନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କୀର୍ତ୍ତନ ବିହାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ରାମଚନ୍ଦ୍ରପୁର,୭ ।୨(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ଶାଳଦେଇ କୀର୍ତ୍ତନବିହାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜକୁମାର ସାମଲଙ୍କ ସଂଯୋଜନାଙ୍କ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତକୁମାର ରାଉତ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନରେନ୍ଦ୍ରକୁମାର କର, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳୀ ବୋଇତେଇ, ମୋସ୍କୁଲ ଅଭିଯାନର ନବଘନ ରାଉତ, ରଙ୍ଗାଧର ସ୍ମୃତି ବିଦ୍ୟାପୀଠ ଅତାର ପ୍ରଧାନ ଶିକ୍ଷକ ଅର୍ଜୁନ ପାଗଳ, ବାଲିବରୁଆଁ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସରୋଜୀନୀ ମହାପାତ୍ର, ସୁଦର୍ଶନ ବୋଇତେଇ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଉତ୍ସବ ପରିଚାଳନାରେ ଶିକ୍ଷକ ପ୍ରଦିପକୁମାର ଭଞ୍ଜ, ବାସୁଦେବ ସାହୁ,ବରଦାପ୍ରଶନ୍ନ ଖୁଣ୍ଟିଆ,ଦେବବ୍ରତ ଗୁରୁ, ସତ୍ୟଭାମା ସେଠୀ,ପ୍ରିୟଙ୍କା ମଲ୍ଲିକ,ନରେନ୍ଦ୍ର କୁମାର ସେଠୀ, ନିରଞ୍ଜନ ମୁଖୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ରାମଚନ୍ଦ୍ରପୁର,୭ ।୨(ସମିସ):** ଘଷିପୁରା ବ୍ଲକ୍ ବାତୋ ଏବଂ ରାମଚନ୍ଦ୍ରପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାମଚନ୍ଦ୍ରପୁର ଠାରେ ସରପଞ୍ଚ ପ୍ରଦୀପ କୁମାର ସାହୁ ଏବଂ ବାତୋରେ ସରପଞ୍ଚ ଝରଣା ଜେନାଙ୍କ ତତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଭାନୁ ନାୟକ, ଅଜୟ ନାଏକ ଉପସ୍ଥିତ ଥିଲେ। ଘଷିପୁରା ବିଡିଓ ମାନସରଞ୍ଜନ ସାମଲ, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଜିଲ୍ଲାପରିଷଦ ସଞ୍ଜୟ କୁମାର ମଲ୍ଲିକ, ସମିତି ସଭ୍ୟ ତରଣିସେନ ବରାଳ, ମନ୍ମଥ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଜନସାଧାରଣମାନଙ୍କୁ ମାର୍ଗଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟାରେ ମିଶନଶକ୍ତି ମହିଳାଙ୍କ ସମେତ ସାଧାରଣ ଜନତା ଉପସ୍ଥିତ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜାଣି ପାରିଥିଲେ।

## ନିର୍ବାଚନ ପରିଚାଳନା କର୍ମଶାଳା

**ପାଟଣା, ୭।୨ (ସମିସ):** ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ଏକ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଟଣା ନିର୍ବାଚନ ମଣ୍ଡଳୀର ସମସ୍ତ ସମ୍ବେଦନଶୀଳ ବୁଥ ଚିହ୍ନଟ କରିବା ସହ ସମସ୍ତ ବୁଥରେ ଆବଶ୍ୟକୀୟ ସୁବିଧା ଯୋଗାଇଦେବାକୁ ବୈଠକ ରେ ଆଲୋଚନା କରାଯାଇଥିଲା। ଏଥି ସହ ନିର୍ବାଚନକୁ ଆଖି ଆଗରେ ରଖି ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡା କଡି କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ସାହାରପଡା ବିଡିଓ ମାଧବ ଚନ୍ଦ୍ର ବିରୁଆ, ପାଟଣା ତହସିଲଦାର ଲୀଳାବତୀ ନାଏକ, ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ, ପାଟଣା ଥାନା ଅଧିକାରୀ ବିଭସ୍ୱ କୁମାର ପ୍ରଧାନ, ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି, ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ରଙ୍କ ସମେତ ବହୁ ବିଭାଗ ର କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ଅନୁକୂଳଚନ୍ଦ୍ରଙ୍କର ଜନ୍ମ ଉତ୍ସବ

**ଚମ୍ପୁଆ, ୭।୨(ସମିସ):** ଚମ୍ପୁଆ ସ୍ଥିତ ସତସଙ୍ଗ ବିହାର ଠାରେ ଚମ୍ପୁଆର ଏକାଦଶତମ ବାର୍ଷିକ ଓତ୍ସବ ତଥା ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ ତମ ଜନ୍ମ ଉତ୍ସବ ସ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ଅନୁକୂଳ ଚନ୍ଦ୍ର ଦିକ୍ଷାରେ ଦିକ୍ଷିତ ଭକ୍ତ ମାନେ ଡାକବଙ୍ଗଳା ନିକଟରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଫଟୋ କୃତିକୁ ଏକ ରଥରେ ବସାଇ ନାମ ସଂକିର୍ତନ ସହ ସଭା ଯାତ୍ରାରେ ସହର ପରିକ୍ରମା କରିବା ପରେ ସତସଙ୍ଗ ବିହାରରେ ପହଁଚିଥିଲେ। ଏହି ପରିପ୍ରେକ୍ଷୀରେ ବ୍ରାହ୍ମ ମୂହୁର୍ତରେ ଦେବ ମାଙ୍ଗଳିକି ପ୍ରତ୍ୟୁସରେ ଉସା କିର୍ତନ, ପ୍ରାପ୍ତ ବିନତି ପ୍ରାର୍ଥନା, ଧର୍ମଗ୍ରନ୍ଥ ପାଠ କରଯିବା ପରେ ନଗର କୀର୍ତନ କରାଯାଇଥିଲା। ପରେ ସତସଙ୍ଗ ବିହାର ଠାରେ ସତସଙ୍ଗ ସଦାଲୋଚନ ଓ ସଂନ୍ଧ୍ୟାରେ ବୀନତି ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନ୍ଦେଇପଶିରେ ସଶକ୍ତ ଓଡ଼ିଶା ସାଥୀ କାର୍ଯ୍ୟକ୍ରମ

**ତୁରୁମୁଙ୍ଗା,୭।୨(ସମିସ):** କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡିୟମଠାରେ ବୁଧବାର ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସହକାରୀ ଯନ୍ତ୍ରୀ ବୈଶାଖୁ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ବଳ, ମିରିଗିଖୋଜି ସରପଞ୍ଚ ମନମୋହନ ନାଏକ ଯୋଗଦେଇ ଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, କଳା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ। ପାରମ୍ପରିକ ନାଚ ଗୀତରେ ଉତ୍ତମ ପରିବେଶଣ ହୀରାପଶି ଗ୍ରାମର ସାନ୍ତାଳୀ ନୃତ୍ୟ ଏବଂ ଯାମୁନାଳିଆ ଗ୍ରାମର ବିର୍ଷା ମୁଣ୍ଡା ହୋ ଡ୍ୟାନ୍ସ ଗ୍ରୁପକୁ ୧୦ ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଅର୍ଥରାଶି ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଭାଷ୍ୟକାର ଅରୁଣ ମହାନ୍ତ ସଂଯୋଜନା କରିଥିବାବେଳେ ପରିଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତିର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇ ଥିଲେ।



# ସୁନାପୋଶି ଚତୁର୍ଥ ବାର୍ଷିକ 'ମାଗେ' ପରବ୍ ଉଦ୍‌ଯାପିତ

**ଚମ୍ପୁଆ, ୭।୨(ସମିସ)**




ଆଦିବାସୀ ସମ୍ପ୍ରଦାୟର ପାରମ୍ପାରିକ ପର୍ବ ଭାବେ ପାଳିତ ହୁଏ ମାଗେ ପରବ। ପୁରୁଷ ଓ ମହିଳାଙ୍କ ମଧ୍ୟରେ କୌଣସି ଭେଦ ଭାବ ନରଖି କର୍ମମୟ ଜୀବନର ଅବସର ସମୟ ଆନନ୍ଦ ଉଲ୍ଲାସ ତଥା ନାଚଗୀତ କରି ସ୍ଥାନୀୟ ଅଞ୍ଚଳର ମୁଣ୍ଡା ସମ୍ପ୍ରଦାୟର ଭାଇ ଭଉଣୀମାନଙ୍କୁ ଏକଜୁଟ କରିବା ସହିତ ଭାଇଚାରାର ସନ୍ଦେଶ ବାଣ୍ଟନ୍ତି। ଏହି ପରିପ୍ରେକ୍ଷୀରେ ସୁର ସାଗମ ହୋ କମିଟି ପକ୍ଷରୁ ଚମ୍ପୁଆସ୍ଥିତ ସୁନାପୋଶି ପଞ୍ଚାୟତ ପଡିଆ ଠାରେ ଚତୁର୍ଥ ବାର୍ଷିକ ମାଗେ ପରବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ରାଜନେତା କୁଶ ଆପଟ, ସମ୍ମାନିତ ଅତିଥି ଭାବେ ନାୟବ ସରପଞ୍ଚ ସସ୍ମିତା ମହାନ୍ତି, କମିଟି ସଭାପତି ଝାଡେଶ୍ୱର ମୁଣ୍ଡା, ସମ୍ପାଦକ ବିଦେଶି ମୁଣ୍ଡା ପ୍ରମୁଖ ଯୋଗ ଦେଇ ଥିଲେ। ପାରମ୍ପାରିକ ବାଦ୍ୟ ମାଦଳ ଓ ନାଗରା ତାଳେତାଳେ ପାଳନ କରାଯାଉଥିବା ଏହି ମାଗେ ପରବରେ ସମସ୍ତେ ଝୁମି ଉଠି ବର୍ଷକର ପରିଶ୍ରମର ଲାଘ କରିଥାନ୍ତି। ଏହି କାର୍ଯ୍ୟକ୍ରମକୁ ସଦସ୍ୟ ଅଇବନ ମୁଣ୍ଡା, ପିନାକି ମୁଣ୍ଡା, ଦୁଷ୍ମନ୍ତ ମହାନ୍ତ, ରଞ୍ଜନ ମହାନ୍ତ ପରିଚାଳନା କରିଥିବାବେଳେ ଆଦିବାସୀ ନୃତ୍ୟ ପରିବେଷଣ କରିଥିବା ଦେବସ୍ମିତା ଗ୍ରୁପ, ସୁଭଦ୍ରା ଗ୍ରୁପ ଏବଂ ଆରକେ ଷ୍ଟାର ଗ୍ରୁପକୁ ଉନ୍ନତ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥି ଶ୍ରୀ ଆପଟ ଓ ସମ୍ମାନିତା ଅତିଥି ସସ୍ମିତା ମହାନ୍ତ ୫ ହଜାର ଲେଖାଏଁ ପୁରସ୍କାର ଅର୍ଥ ପ୍ରଦାନ କରିଥିଲେ।

## ୨୮ଟି ଗୋଷ୍ଠୀକୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ



ଶୁକ୍ରୁଳି, ୭ ।୨(ସମିସ): ଶୁକ୍ରୁଳି ବ୍ଲକରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ ରାଜ୍ୟ ସରକାରଙ୍କ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ୨୮ଟି ଗ୍ରାମ ସାମିଲ କରାଯାଇଛି । ଏହି ୨୮ଟି ଗ୍ରାମର ୨୮ଟି ଗୋଷ୍ଠୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି । ବିଭିନ୍ନ ସମୟରେ ଏ ନେଇ ଦାବି ହୋଇ ଆସୁଥିଲା । ଜନସାଧରଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଦାବି ପୂରଣ କରିଛନ୍ତି । ଆଜି ଶୁକ୍ରୁଳି ତହସିଲ୍ ପରିସରରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶୁକ୍ରୁଳି ବ୍ଲକ ଅଧ୍ୟକ୍ଷା କବିତା ମଞ୍ଜରୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର ସତ୍ୟବାନ୍ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିକାଶ ରଞ୍ଜନ ସି, ଯୁବନେତା ଗୋଲକବିହାରୀ ନାୟକ, ବନପାଳ ଦୀପ୍ତିମୟୀ ସେଠୀ, ବସୁନ୍ଧରା ଏନ୍‌ଜିଓର ନିର୍ଦ୍ଦେଶକ, ସରପଞ୍ଚଙ୍କ ଉପସ୍ଥିତିରେ ଗୋଷ୍ଠୀଗତ ପଟ୍ଟା ବଣ୍ଟନ କରାଯାଇଛି । ଏ ନେଇ ପଟ୍ଟା ପାଇଥିବା ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି ।

## କରଞ୍ଜିଆକୁ ରେଳପଥ ସଂଯୋଗ ଦାବିରେ ସଭା



କରଞ୍ଜିଆ, ୭।୨(ସମିସ): କରଞ୍ଜିଆ ହେଉଛି ପାଞ୍ଚପୀଢ ସବ୍‌ଡିଭିଜନର ସଦର ମହକୁମା ଓ ବାଣିଜ୍ୟ କେନ୍ଦ୍ର; କିନ୍ତୁ କେନ୍ଦ୍ର ସରକାରଙ୍କ କ୍ରମାଗତ ଅବହେଳା ଯୋଗୁଁ ଚଳିତବର୍ଷ ମଧ୍ୟ ସର୍ଭେରେ ମଧ୍ୟ ରେଳ ଲାଇନ କରଞ୍ଜିଆ ସହରଠାରୁ ୧୭ କି.ମି. ଦୂରରେ ଯିବାର ସ୍ଥିରୀକୃତ ହେବା ଖବର ପାଇ ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୀବ୍ର ବିରୋଧ କରା ଯାଇଛି । ତେଣୁ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ସହ ଏକ ବିଶାଳ ଶୋଭାଯାତ୍ରା କରି ରେଳ ବିଭାଗକୁ ଚେତାବନୀ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିରେ ବସନ୍ତ ରଣା ସଭାପତି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚେତନାର ପ୍ରତିଷ୍ଠାତା ସମ୍ପାଦକ ଆଇନ୍‌ଜୀବି ସଞ୍ଜୟ କୁମାର ସାହୁ, ଇଟର୍ନିଟୀ ଅନ୍ତର୍ରାଷ୍ଟ୍ରୀୟ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ, ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା, ଇଂ. ତ୍ରିଲୋଚନ ସେଠୀ, ସାମ୍ବାଦିକ ସରୋଜ ବେହେରା, ବରିଷ୍ଠ ନାଗରିକ ସର୍ବେଶ୍ୱର ମିଶ୍ର, ବ୍ରଜକିଶୋର ପଣ୍ଡା, ଦୀପ୍ତିରଞ୍ଜନ ପରିଡ଼ା, ସୁବାଷ ଚନ୍ଦ୍ର ହେମ୍ବ୍ରମ, ପରିମଳ ବେହେରା, ଜୟହରି ପାତ୍ର ଓ ମୁଖ୍ୟ ଉଦ୍ଯୋକ୍ତା ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶୁକ୍ରୁଳିରେ ପଞ୍ଚାୟତସ୍ତରୀୟ ସଚେତନ ଶିବିର



ଶୁକ୍ରୁଳି, ୭ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଶୁକ୍ରୁଳି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା କବିତା ମଞ୍ଜରି ନାୟକ, ଯୁବନେତା ଗୋଲକ ବିହାରୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିକାଶ ରଞ୍ଜନ ସି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ସରପଞ୍ଚ ଦମୟନ୍ତୀ ନାଏକ, ସମିତି ସଭ୍ୟ ସର୍ମିଳା ଭୋଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦଶରଥ ମହାନ୍ତ, କନିଷ୍ଠ ଯନ୍ତ୍ରୀ ବିକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## କନ୍ଦଳିଆଶୋଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ସାହି, ୭।୨(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କନ୍ଦଳିଆଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ଚିନ୍ମୟଗୁରୁପାଦ ଆଶ୍ରମର ସନ୍ୟାସୀ ଗୋବିନ୍ଦାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଦୟାନିଧି ପ୍ରତିହାରୀ, ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ୱାର୍ଡ଼ସଭ୍ୟ ଅକ୍ଷୟ କୁମାର ମହାନ୍ତ, ୱାର୍ଡ଼ମେମ୍ବର ଗୀତାଞ୍ଜଳି ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଭୁଜବଳ, ସହକାରୀ ଶିକ୍ଷୟିତ୍ରୀ ମମତାମୟୀ ଭୋଇ, ହରପ୍ରିୟା ସାହୁ, ବିଦ୍ୟାଳୟ ଶିକ୍ଷା କମିଟି ଚେୟାରମ୍ୟାନ୍ ଗୀତା ସୋରେନ୍, ସରୋଜକାନ୍ତ ଦାସ, ରବୀନ୍ଦ୍ର ସେନାପତି, ଦିବାକର ସାହୁ, ବୀଣାପାଣି ସାହୁ ପ୍ରମୁଖ ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ । ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସଭା ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି କଥାଛଳରେ ପିଲାମାନଙ୍କୁ ବିଭିନ୍ନ ଗପ ମାଧ୍ୟମରେ ସଂସ୍କାରିତ, ଉତ୍ତମ ଆଚରଣର ଅଧିକାରୀ ହେବା ସହିତ ପିତାମାତାଙ୍କୁ ପ୍ରେରଣାର ଉତ୍ସଭାବେ ଆଚରଣ କରିବା ସହିତ ପ୍ରତିଦିନ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ଓ ପିଲାଟିର ସର୍ବାଙ୍ଗୀନ ଉନ୍ନତି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ବୁଝାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଭୁଜବଳ ସଭା ପରିଚାଳନା କରିଥିଲେ । ତତ୍ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଶେଷରେ ମମତାମୟୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଦ୍ୟାଳୟ ପରିସରରୁ ବାସଗୃହ ଉଚ୍ଛେଦ ଦାବିରେ ଆନ୍ଦୋଳନ

# ଫାଟକରେ ତାଲା ପକାଇ ଗ୍ରାମବାସୀଙ୍କ ଧାରଣା

ବାରିପଦା/କୁଳିଅଣା, ୭ ।୨(ସମିସ)



ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକର ଚନ୍ଦୁଆ ନିକଟ ହାତୀମଡା ସ୍ଥିତ ଏ.କେ ବିଦ୍ୟାପୀଠ ପରିସରରୁ ୩ଟି ବାସଗୃହକୁ ଉଚ୍ଛେଦ ଦାବିରେ ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି । ଏ ନେଇ ବୁଧବାର ବିଦ୍ୟାଳୟ ସମ୍ମୁଖର ଫାଟକରେ ତାଲା ପକାଇ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଗ୍ରାମବାସୀ । ବିଦ୍ୟାପୀଠ ପରିସରରେ ଗ୍ରାମର ୩ଟି ପରିବାର ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଛନ୍ତି; ଯାହାକି ବିଦ୍ୟାଳୟର ପରିବେଶ ଉପରେ ପ୍ରଭାବ ପଡ଼ିବା ସହିତ ଛାତ୍ରଛାତ୍ରୀମାନଙ୍କ ମାନସିକ ସ୍ଥିତି ଉପରେ ଖରାପ ପ୍ରଭାବ ପକାଉଛି ।

ଉକ୍ତ ପରିବାରଗୁଡ଼ିକ ବିସ୍ଥାପନ ନିମନ୍ତେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ହଳଦିଆ ବନ୍ଦର କ୍ଷତିଗ୍ରସ୍ତ ଓ ଅନୁଦାନ ରାଶି ପାଇଥିବା ପରିବାର । ତେଣୁ ସେମାନେ ଅନ୍ୟତ୍ର ନ ଯାଇ ବିଦ୍ୟାଳୟ ପରିସର ମଧ୍ୟରେ ରହିବା ସହିତ ଗାଈଗୋରୁ, ଛେଳି, ମେଣ୍ଢା ଆଦି ଅବାଧରେ ଚଳପ୍ରଚଳ କରାଉଛନ୍ତି; ଯାହାକି ଛାତ୍ରଛାତ୍ରୀଙ୍କ ଶିକ୍ଷାଗ୍ରହଣ ଉପରେ କୁପ୍ରଭାବ ପକାଉଛି । ବିଦ୍ୟାଳୟର ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଆସୁବିଧା ସୃଷ୍ଟି ହେଉଛି । ବିଦ୍ୟାଳୟକୁ ୫-ଟି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଏହି ୩ଟି ପରିବାର ରହିବା କାରଣରୁ ଏହାର ପ୍ରଭାବରେ ପାଚେରୀ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଏ ନେଇ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ତେଣୁକରି ବୁଧବାର ଏସଏମସି ସଭ୍ୟବୃନ୍ଦ ଓ ଜନସାଧାରଣଙ୍କ ସହଯୋଗରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ । ବିଦ୍ୟାଳୟ ସମସ୍ୟାକୁ ହୃଦୟଙ୍ଗମ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ । ଆଗାମୀ ଏକ ମାସ ମଧ୍ୟରେ ଉକ୍ତ ପରିବାରକୁ ସ୍କୁଲ ପରିସରରୁ ଉଚ୍ଛେଦ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଧାରଣାରେ କମିଟି ସଦସ୍ୟ ଶଙ୍କରପ୍ରସାଦ ନାଥ, ବୁଦ୍ଧିଆ ବିନ୍ଧାଣି, ଭାଟୁଆ ନାଏକ, ଭରତ ଚନ୍ଦ୍ର ରାଜ, କାଳୁ ମଲ୍ଲିକ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଗୁଣ୍ଡୁରିଆରେ ସହୀଦ ଦିବସ ପାଳିତ



ରାଇରଙ୍ଗପୁର, ୭ ।୨(ସମିସ): ବୃହତ ଝାଡ଼ଖଣ୍ଡ ନେଇ ୧୯୪୯ ମସିହା ଫେବୃଆରୀ ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକର ଅଁଳାଯୋଡି ପଞ୍ଚାୟତ ଗୁଣ୍ଡୁରିଆଠାରେ ଏକ ଆଦିବାସୀ ମେଳି ଅନୁଷ୍ଠିତ ହୋଇଥିଲା । ଏହାକୁ ତତ୍କାଳୀନ ସରକାର ଭଣ୍ଡୁର କରିବା ପାଇଁ ଆଦିବାସୀଙ୍କ ଉପରେ ଅତର୍କିତ ଭାବେ ଗୁଳି ଓ ଲାଠି ଚାଳନା କରିଥିଲେ । ଏଥିରେ ବହୁତ ଆଦିବାସୀ ମୃତାହତ ହୋଇଥିଲେ । ତେଣୁ ସେହି ଦିନକୁ ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୬ କୁ ଗୁଣ୍ଡୁରୀଆ ଶହୀଦ ଦିବସ ଭାବେ ପାଳନ କରାଯାଇଆସୁଛି । ବିଭିନ୍ନ ସାମାଜିକ ସଂଗଠନ ଏବଂ ରାଜନୈତିକ ନେତୃବୃନ୍ଦ ଶହୀଦ ପୀଠରେ ଯୋଗଦେଇ ପୂଜାର୍ଚ୍ଚନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିନ୍ତି । ରାଇରଙ୍ଗପୁରର ଯୁବ ବିଜେଡ଼ି ନେତା ରାଇସେନ ମୁର୍ମୁ, ବିଜେଡି ବହଳଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ, ଲାଲମୋହନ ବାରିକ, କମଳା ମିଶ୍ର, କାରାନ ମୁର୍ମୁ, ଦାମ ବେହେରା, ରାଜମଲ ମାର୍ଣ୍ଡି, ମିଣ୍ଟୁ ବେହେରା, ସୁଖମଣି ମାର୍ଣ୍ଡି ପ୍ରମୁଖ ସହୀଦ ପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।




ସେହିପରି ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ 'ସେବାସ୍ତମ୍ବ' ଜିଲ୍ଲା ଶାଖା ରାଇରଙ୍ଗପୁର ଦ୍ୱାରା ଗୁଣ୍ଡୁରିଆ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ପ୍ରଥମେ ସଦ୍ୟସମାନେ ସହୀଦଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ପ୍ରତାପ ହେମ୍ବ୍ରମ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସଂଗଠନର ରାଷ୍ଟ୍ରୀୟ ସମ୍ପାଦକ ବିଜୟ କୁମାର ରାମ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଉପଦେଷ୍ଟା ଏବଂ ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝୀ ଯୋଗ ଦେଇ ଗୁଣ୍ଡୁରିଆ ଇତିହାସ ଉପରେ ଆଲୋକପାତ କରିଥିଲେ । ଜଗତ ଚନ୍ଦ୍ର ମାଝି ଗୁଣ୍ଡୁରିଆ ଦିବସର ମହତ୍ୱ ଉପରେ ଆଲୋଚନା କରିଥିଲେ । ବରିଷ୍ଠ ଉପସଭାପତି ରବୀନ୍ଦ୍ର ମୁଖି, ସମାଜସେବୀ ମନୋରଞ୍ଜନ ହାଁସଦା ଗୁଣ୍ଡୁରିଆବାସୀଙ୍କ ପାଇଁ କିଛି କରିବାକୁ ସଂଗଠନକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରମେଶ ଚନ୍ଦ୍ର ମାରାଣ୍ଡି, ବାଜଲ ମୁର୍ମୁ, ରାଜେଶ କୁମାର ରାମ, ଡାକ୍ତର ସାଗରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ଉପସଭାପତି ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାକ୍ଟର ତଳେ ଚାପିହୋଇ ଚାଳକ ମୃତ

ବାରିପଦା, ୭।୨(ସମିସ): ବେଆଇନ ବାଲି ଚୋରା ଚାଲାଣ ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାପିହୋଇ ଚାଳକଙ୍କ ମୃତ୍ୟୁ ଘଟିଛି । ମୋରଡା ଥାନା ଅନ୍ତର୍ଗତ ଜୁଆଳିଭଙ୍ଗା ପଞ୍ଚାୟତର ମାକୁନ୍ଦ ଗ୍ରାମରେ ଏହି ଦୁର୍ଘଟଣା ଘଟିଛି । ସୂଚନା ମୁତାବକ, ଗ୍ରାମ ନିକଟରେ ଥିବା ଏକ ଜଳଉତ୍ସରୁ ବେଆଇନ ଭାବେ ନିୟମିତ ବାଲି ଉଠାଣ ହୋଇ ଚୋରା ଚାଲାଣ ହେଉଥିଲା । ବୁଧବାର ଏକ ଟ୍ରାକ୍ଟର ଯୋଗେ ବାଲି ଉଠାଣ ହୋଇ ଚାଲାଣ ହେଉଥିବା ବେଳେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଚାଳକ ସୁବାସ ସିଂଙ୍କ ମୃତ୍ୟୁ ଘଟିଥିଲା । ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ମୃତଦେହ ପଡ଼ି ରହିଥିଲେ ମଧ୍ୟ ଗାଡି ମାଲିକଙ୍କ ଦେଖା ମିଳି ନ ଥିଲା । ପରେ ପୁଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ବାଇପାସ୍ ଛକ ଓ ମହାବୀର ଛକରେ କେବେ ଜଳିବ ଷ୍ଟ୍ରିଟ୍ ଲାଇଟ୍

କରଞ୍ଜିଆ, ୭।୨(ସମିସ): କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ୮ ନମ୍ବର୍ ୱାର୍ଡ଼ ବାଇପାସ୍ ଛକ ବ୍ୟସ୍ତ ବହୁଳ ଭାବେ ଜଣାଶୁଣା । ଏହି ରାସ୍ତାଟି ପାଟଣା ପଟୁ ଆସି କରଞ୍ଜିଆ ୱାର୍ଡ଼ ନଂ. ୮ରେ ବାଇପାସ୍ ହୋଇ ଗୋଲେଇରେ ମିଶିଛି । ସେହିପରି ୨ନଂ. ୱାର୍ଡରେ ଥିବା ମହାବୀର ଛକରେ ସର୍ବଦା ଗହଳିଚହଳି ଲାଗିରହିଥାଏ । ଏହି ରାସ୍ତାର ମହାବୀର ଛକ ଦୁର୍ଘଟଣା ଜୋନଭାବେ ପରିଚିତ । ପୂର୍ବରୁ ବହୁବାର ଦୁର୍ଘଟଣା ଘଟିଛି; କିନ୍ତୁ ଏହି ଛକରେ ଆଜିଯାଏ କୌଣସି ଷ୍ଟ୍ରିଟ ଲାଇଟ ଲଗାଯାଇନାହିଁ । ଏପରିକି କୌଣସି ଟ୍ରାଫିକ ଲାଇଟ୍ ମଧ୍ୟ ନାହିଁ । ତେଣୁ ରାତିରେ ସାଇକଲ ଆରୋହୀ ଓ ପଥଚାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପାଟଣା ପଟୁ ଆସିଥିବା ରାସ୍ତାଟି ୱାର୍ଡ଼ ନଂ. ୮ ନିକଟ ବାଇପାସ୍ ଛକରେ ମଧ୍ୟ ବିଜୁଳି ଆଲୁଅ ନାହିଁ କି ଟ୍ରାଫିକ ଲାଇଟ୍ ମଧ୍ୟ ନାହିଁ । ଏହି ରାସ୍ତା କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ରହିଛି । ଗୋଲେଇ ଛକକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲେ ହେଁ ଏ ଯାଏ ଲାଇଟ ଲାଗିନାହିଁ । ତେଣୁ ଏନଏସି ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ସହରବାସୀ ଦାବି ଜଣାଇଛନ୍ତି ।

## ଚୋରା ବାଲିଚାଲାଣ ଟିପ୍ପର ଜବତ

ଶୁକ୍ରୁଳି, ୭ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ନିକଟରୁ ଏକ ବାଲି ବୋଝେଇ ଟିପ୍ପରକୁ ଜବତ କରିଛି ରରୁଆଁ ପୁଲିସ । ବୁଧବାର ଭୋରୁ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଖଇରୀ ଭଣ୍ଡନ ନଦୀରୁ ବାଲି ବୋଝେଇ କରି ଆସୁଥିବା ଟିପ୍ପରକୁ ଧରିଥିଲା । ପରେ ଗାଡ଼ିକୁ ଠିଆ କରି ଘଟଣାସ୍ଥଳରୁ ଚାଳକ ଖସି ପଳାଇଛି । ପୁଲିସ ଗାଡିକୁ ଜବତ କରି ଏକ ମାମଲା ରୁଜୁ କରିଛି ।

## ୨ ବାଲି ଟ୍ରାକ୍ଟର ଜବତ; ଦୁଇ ଚାଳକ ଗିରଫ

ଶୁଳିଆପଦା, ୭।୨(ସମିସ): ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଭୋରୁ ବିଭିନ୍ନ ସ୍ଥାନରୁ ଚୋରା ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟରକୁ ଜବତ କରିବା ସହିତ ଦୁଇଜଣ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ, ବୁଧବାର ଭୋରୁ ଶୁଳିଆପଦା ଆଇଆଇସି ଆଦିତ୍ୟପ୍ରସାଦ ଜେନା, ଏଏସଆଇ ରସାନନ୍ଦ ବେହେରା ଓ ଥାନା କର୍ମଚାରୀ ପାଟ୍ରୋଲିଂ କରୁଥିବାବେଳେ ସାତଭାୟାରୁ ଗଡ଼ିଆ ରାସ୍ତାର ଡାଳଗାଁ ଛକ ନିକଟରେ ବାଲି ଚୋରା ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରିଥିଲେ । ପରେ ଅନ୍ୟ ଏକ ଟ୍ରାକ୍ଟର ଚୋରା ବାଲି ଚାଲାଣ କରୁଥିବାବେଳେ ଜବତ କରିଛି ପୁଲିସ । ପରେ ଚାଳକ ଡାମନ୍ ମାର୍ଣ୍ଡି ଓ ଦେବେନ୍ଦ୍ର ଦେହୁରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଡ. ଏସ୍.ଏନ୍ ସୁବାରାଓଙ୍କ ଜୟନ୍ତୀ ପାଳିତ




ବାରିପଦା, ୭ ।୨(ସମିସ): ଜାତୀୟଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖା ତରଫରୁ ବାରିପଦାଠାରେ ଭାଇଜୀ ଡ. ଏସ.ଏନ ସୁବାରାଓଙ୍କ ୯୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ମୟୂରଭଞ୍ଜ ଶାଖା ସଭାପତି କୁଞ୍ଜବିହାରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସମାଜସେବୀ ଆଦିତ୍ୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଇଜୀଙ୍କ ସହ ସେ ବିତାଇଥିବା ସମୟର ସ୍ମୃତିଚାରଣ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗ ଭାଇଜୀଙ୍କ ପ୍ରେରଣାଦାୟୀ ଜୀବନୀ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସମରେନ୍ଦ୍ର ବସା, କନିକା ବୋଷ, ଅଶୋକ ପୁଷ୍ଟି ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭାଇଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । ବିଜୟଲକ୍ଷ୍ମୀ ନାୟକ, ମାନସ ପୁଷ୍ଟି, ଅଶ୍ୱିନୀ ମହାନ୍ତ, ପୁଙ୍ଗୀ ହେମ୍ବ୍ରମ, ଚନ୍ଦନ ବେହେରା, ସୁନନ୍ଦା ମୋଦୀ, ବିକାଶ ଦାସ ପରିଚାଳନାରେ ସହଯୋଗ କରିଥିଲେ । ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖା ସଂଯୋଜକ ମଳୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଇଟିଡିଏ ପକ୍ଷରୁ ଜନଜାତି ସଂସ୍କୃତି ପ୍ରଗତି ସଶକ୍ତ ଓଡ଼ିଶା ଶିବିର

# ସ୍ୱ କ୍ଷେତ୍ରରେ ପାରଦର୍ଶିତା ପାଇଁ ୫୦ କଳାକାର ସମ୍ବର୍ଦ୍ଧିତ

ଯଶିପୁର, ୭।୨(ସମିସ)



କରଞ୍ଜିଆ ଆଇଟିଡିଏ ତରଫରୁ ଯଶିପୁର ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜନଜାତି ସଂସ୍କୃତି ପ୍ରଗତି ସଶକ୍ତ ଓଡ଼ିଶା ଶିବିର ଅନୁଷ୍ଠିତ ହୋଇଯାଇଛି । ସଶକ୍ତ ଓଡ଼ିଶା ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ଜନଜାତିଙ୍କ ସଂସ୍କୃତି ଓ ପ୍ରଗତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଆଲୋକ ମାଝୀ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପିଏ ଆଇଟିଡିଏ ଦେବଜାନୀ ଭୂୟାଁ ମୁଖ୍ୟମନ୍ତ୍ରୀ ଜୀବିକା ମିଶନ ପକ୍ଷରୁ ଜନଜାତି ପୁରୁଷ ମହିଳା, ସ୍ୱୟଂ ସହାୟକ ଦଳ, ଭୂମିହୀନ ଚାଷୀଙ୍କୁ ଆଳୁ ଚାଷ, ମାଛ ଚାଷ, ପନିପରିବା, କୁକୁଡ଼ା ପାଳନ ପାଇଁ ସୁବିଧା ଦେବା ସହିତ ମନରେଗା ଯୋଜନାରେ କର୍ମ ନିଯୁକ୍ତି ଦେଇ ଏମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେଇଛନ୍ତି ବୋଲି ସେ କହିଥିଲେ । ବିଡ଼ିଓ ସତ୍ୟାନନ୍ଦ ଦାଶ ଜନଜାତିଙ୍କ କଳା, ସଂସ୍କୃତି, ଭାଷା ବିଶ୍ୱ ଦରବାରରେ ପରିଚୟ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି କହିବା ସହିତ କଳାର ମୂଲ୍ୟ ଅତୁଳନୀୟ ବୋଲି ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଜନଜାତିର ଲୋକେ ଯେଉଁମାନେ ନିଜର ସଂସ୍କୃତି, ସଙ୍ଗୀତ, ଭାଷାର ପ୍ରଚାର କରୁଛନ୍ତି ସେଥିପାଇଁ ସେମାନଙ୍କ ଅବଦାନକୁ ସମାଜ ସବୁଦିନ ପାଇଁ ମନେ ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପାଲା, ଦାସକାଠିଆ, ସଂକୀର୍ତ୍ତନ, ନାଚ, ଗୀତ, ଦିଶାରୀ, ଜୀବନଜୀବିକା, ଭାଷା, ଜଙ୍ଗଲ ଜମି ଅଧିକାର ପାଇଁ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଦଳ, ମହିଳା, ପୁରୁଷଙ୍କ ମଧ୍ୟରେ ୨୫ ଜଣଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହା ବ୍ୟତୀତ ୫୦ ଜଣଙ୍କୁ ମଧ୍ୟ ନିଜର କଳା କ୍ଷେତ୍ରରେ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଆକର୍ଷଣୀୟ ଛଉ ନୃତ୍ୟ, ଆଦିବାସୀ ନାଚ ଓ ସଂକୀର୍ତ୍ତନ ଜନଜାତି ଦଳ ପକ୍ଷରୁ ପ୍ରଦର୍ଶନ କରାଯାଇଥିଲା । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା କମଳା ତିରିଆ, ବ୍ଲକ ଅଧ୍ୟକ୍ଷା କୁମୁଦିନୀ ଦଳେଇ, ଜିଲ୍ଲା ପରିଷଦ ସଭ୍ୟା ମିନତୀ ନାଏକ ଓ ସୁଜାତା ହୋ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଶିକ୍ଷକ ମହାନ୍ତି ଜେରାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଇଟିଡିଏ ସେକ୍ସନ ଅଫିସର ଅସିତ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବଡ଼ଡାଲିମା/ତିରିଙ୍ଗ, ୭।୨(ସମିସ)

ତିରିଙ୍ଗ ପଞ୍ଚାୟତ ସମିତି ପରିସରରେ ଆଜି ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଓ ୨୦ ନମ୍ବର ଜୋନର ଜିଲ୍ଲାପରିଷଦ ପରେଶ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଭିନ୍ନ ପଞ୍ଚାୟତର ୫୦୫ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ । ଭିନ୍ନକ୍ଷମଙ୍କୁ ଡାକ୍ତରମାନେ ଯାଞ୍ଚ କରିବା ପରେ ସେମାନଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟତଃ ଭାବେ ବିଡିଓ ବାସନ୍ତୀ ଲାକ୍ରା, ତହସିଲଦାର ସୁଶାନ୍ତ କୁମାର ବେହେରା, ବିଏସଏସଓ ଆକାଶ ସେଠୀ, ସୁବାସ ବେହେରା, ବଡ଼ଡାଲିମା ସମିତି ସଭ୍ୟ ବଳଦେବ ହେମ୍ବ୍ରମ୍, ସମାଜସେବୀ ବାବୁଲୁ ଟୁଡୁ, ସମସ୍ତ ସରପଞ୍ଚ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ସକାଳ ୮ଟାରୁ ଅପରାହ୍ନ ଯାଏ ଚାଲିଥିଲା ।

### ରାଇବଣିଆରେ ହାତୀ ଆତଙ୍କ

# ବିଦ୍ୟାଳୟରେ ଭଙ୍ଗାରୁଜା, ଚାଉଳ ଓ ପରିବା ଖାଇଗଲେ







**ଜଳେଶ୍ୱର ବ୍ଲକ, ୭।୨(ସମିସ):** ରାଇବଣିଆର ବିଭିନ୍ନ ସ୍ଥାନରେ ଦୁଇ ଦିନ ଧରି ହାତୀ ଆତଙ୍କ ଲାଗିରହିଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ସୀମାରେ ହାତୀଗୁଡିକ ମହୁଲିଆ ସ୍କୁଲରେ ଭଙ୍ଗାରୁଜା କରି ମଧ୍ୟାହ୍ନ ଭୋଜନ ଖାଇଥିଲେ। ୧୩ ଟିକିଆ ଶିମିଳିପାଳ ହାତୀ ମଙ୍ଗଳବାର ମୟୂରଭଞ୍ଜରୁ ଆସି ଜଳେଶ୍ୱର ଫରେଷ୍ଟ ରେଞ୍ଜ ଲୁହାପଡ଼ା ଜଙ୍ଗଲରେ ପଶିଥିଲେ। ବରଡିହା, ଶିଖରପୁର, ଖୁଆଡ଼, ଶ୍ୟାମ ନଗର, ସର୍ଦ୍ଦାରବନ୍ଧ, କଳମା ଇତ୍ୟାଦି ପଞ୍ଚାୟତର ଗାଁ ଗୁଡିକ ଲୁହାପଡ଼ା ଜଙ୍ଗଲ କଡେ କଡେ ଥିବାରୁ ସେ ଅଞ୍ଚଳରେ ତାଟି କବାଟ ପଡ଼ି ଯାଇଥିଲା। ହାତୀ ଗୁଡିକ ଘାସମାରୀ ନିକଟ ମହୁଲିଆ ଗାଁରେ ଥିବା ବିଦ୍ୟାଳୟକୁ ପ୍ରବେଶ କରି ମଧ୍ୟାହ୍ନ ଭୋଜନ ଚାଉଳ, ପରିବାପତ୍ର ଖାଇବା ସହ ଝରକା କବାଟ ଓ ଆସବାବପତ୍ର ଭାଙ୍ଗି ଫୋପାଡି ଦେଇଥିଲେ। ଏହି ଅଞ୍ଚଳରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିବା ଏବଂ ବାରମ୍ବାର ଶିମିଳିପାଳ ହାତୀ ଉପରୋକ୍ତ ଅଞ୍ଚଳକୁ ଆସି ଚାଷ ଓ ଘରଦ୍ୱାର ଭାଙ୍ଗିବା ଯୋଗୁଁ ଆତଙ୍କ ଖେଳି ଆସୁଛି। କିନ୍ତୁ ଆଜି ସକାଳେ ୧୨ଟି ହାତୀ ଲୁହାପଡ଼ା ଜଙ୍ଗଲରେ ଥିବା ବେଳେ ଏକ ଦନ୍ତା ହାତୀ ଜଳେଶ୍ୱର ଫରେଷ୍ଟ ରେଞ୍ଜ ଅଧୀନ ଶିଖରପୁର ଯାଏ ଆସି ବିଭିନ୍ନ ସ୍ଥାନରେ କ୍ଷୟ କ୍ଷତି କରିଛି। ଗତକାଲି ରାତିରେ ଜଳେଶ୍ୱର ଫରେଷ୍ଟ ରେଞ୍ଜର ଜୟଶ୍ରୀ ମୁର୍ମୁ ଓ ଫରେଷ୍ଟର ଦିଲ୍ଲୀପ ସିଂହ, ଦୁଇଟି ଟିମ୍‌କୁ ଧରି ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଥିଲେ। ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ତାଙ୍କ ମା'ଙ୍କ ଶ୍ରାଦ୍ଧ ବାର୍ଷିକୀରେ ଗାଁରେ ଥିଲେ। ସନ୍ଧ୍ୟାରେ ଭୁବନେଶ୍ୱର ଅଭିମୁଖେ ଗଲା ବେଳେ ରାସ୍ତାରେ ହାତୀ ଗୁଡ଼ିକ ଯାତାୟାତ କରୁଥିବାର ଦେଖି ଜଳେଶ୍ୱର ରାସ୍ତାରେ ଭୁବନେଶ୍ୱର ଯାଇଥିଲେ। ରାଇବଣିଆ ଅଞ୍ଚଳରେ ହାତୀ ପ୍ରାଦୁର୍ଭାବ ବଢ଼ୁ ଥିବାରୁ ଅଧିକ କର୍ମଚାରୀ ସହ ଏକ ଚାରି ଚକିଆ ଯାନ ଯୋଗାଇ ଦେବାକୁ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ ଦାବି କରିଛନ୍ତି।

## ଚର୍ଚ୍ଚାରେ ଜୟନ୍ତୀଙ୍କ କବିତା



**ବଳରାମପୁର, ୭।୨(ସମିସ):** ଗାଁରେ ଗୃହିଣୀ ମାନେ ନିଜର ଗୃହ କାର୍ଯ୍ୟ କରିବା ସହିତ ସେହି କାର୍ଯ୍ୟ ବ୍ୟସ୍ତତା ଭିତରୁ କିଛି ସମୟ ବାହାର କରି ଗୀତ, ଗଳ୍ପ ଓ କବିତା ଲେଖିବା କଷ୍ଟ ହୋଇଥାଏ। ହେଲେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଳରାମପୁର ଗ୍ରାମର ଜୟନ୍ତୀ ପଣ୍ଡା, ସ୍ୱାମୀ ମନ୍ମଥ ଜଣେ ପୂଜକ ଓ ସଫଳ ଧାନ ଚାଷୀ ଭିତରେ ଜଣେ, ଏବେ ଗାଁ ଠାରୁ ସହର ଗୋଟିଏ ଚର୍ଚ୍ଚା ଲେଖିକା ଜୟନ୍ତୀ ପଣ୍ଡାଙ୍କ ବିଷୟରେ। ଜୟନ୍ତୀଙ୍କ ଗୀତ, କବିତା ଲେଖିବାର କାରଣ ତାଙ୍କର ପୁଅ ତାର ପିଉସୀ ଘରେ ରହି ପାଠ ପଢ଼ିବାକୁ ଯାଇଥାଏ। ପୁଅଠାରୁ ମାଆ ଦୂରେଇ ରହିବା ଟା ଏତେ କଷ୍ଟ ଦେଇଥିଲା ଯାହାକି ସେ ଦିନେ ସବୁ କାର୍ଯ୍ୟ ସାରିବା ପରେ ରାତ୍ରି ୯ଟା ସମୟରେ ନିଜର କଷ୍ଟକୁ ଗୀତ ଓ କବିତା ମାଧ୍ୟମରେ ଗୋଟିଏ ଡ଼ାଏରୀ ରେ କଲମ ମୁନରେ ପ୍ରକାଶ କରିଥିଲେ। ଏବେ ସେ ୫୦ରୁ ଅଧିକ କବିତା, ଗଳ୍ପ ଓ ଗୀତ ଲେଖିଛନ୍ତି। ସାଇ, ଜଗନ୍ନାଥ, ଶିବ, ହନୁମାନ ଆଦି ଠାକୁରଙ୍କ ଉପରେ ଲେଖିବା ସହିତ ବୃଦ୍ଧ ବାପା, ମାଆଙ୍କୁ ପୁଅ ବୋହୂ ଅଣଦେଖା କରିବା, ଯୁବକ ଯୁବତୀମାନଙ୍କ ଭିତରେ ପ୍ରେମ ପରେ ପ୍ରତାରଣା ଦେବା, ଝିଅଟିଏ ଜନ୍ମ ହେଲେ ବାପା ମାଆ ସହିତ ସମାଜ ଝିଅକୁ ଅଣଦେଖା କରିବା, ଛୋଟ ଝିଅ ପିଲାଙ୍କୁ ଧର୍ଷଣ କରିବା, ମହାମାରୀ କରୋନା, ପାରିବାରିକ ଘଟଣା, ପଶୁ ଓ ପକ୍ଷୀ ଏମିତି ବହୁତ କବିତା ଲେଖିଛନ୍ତି। ଜୟନ୍ତୀଙ୍କୁ ତାଙ୍କର ସ୍ୱାମୀ, ପୁଅ, ବୋହୂ ଲେଖିବାରେ ପ୍ରେରିତ କରିଥାନ୍ତି।

## ଗୋପବନ୍ଧୁ ଶିକ୍ଷା ସଦନର ବାର୍ଷିକ ଉତ୍ସବ



**ଜଳେଶ୍ୱର ବ୍ଲକ, ୭।୨ (ସମିସ) :** ଜଳେଶ୍ୱର ଶେଖବାଡ ସ୍ଥିତ ଗୋପବନ୍ଧୁ ଶିକ୍ଷା ସଦନର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବୁଧବାର ଅପରାହ୍ନ ୪ ଘଟିକାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ସୁରେନ୍ଦ୍ରନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ କମର୍ଦ୍ଦାର ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସୁଷମା ଭୂୟାଁ, ସମ୍ମାନିତ ଅତିଥି ଭାବେ ସମ୍ପାଦିକା ସଞ୍ଜୁ ସେନାପତି ଓ ଗୋପବନ୍ଧୁ ଶିକ୍ଷା ସଦନ ର ପ୍ରଧାନ ଶିକ୍ଷୟତ୍ରୀ ଅନୀତା ପରିଡ଼ା ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ ଶିକ୍ଷୟତ୍ରୀ ସଞ୍ଜୁ ରାଣୀ ମହାନ୍ତି କରିଥିଲେ। ସଂକ୍ଷିପ୍ତ ଇତିହାସ ପାଠ ସ୍ୱୟଂପ୍ରଭା ଦାସ କରିଥିବା ବେଳେ କ୍ରୀଡ଼ା ବିବରଣୀ ପାଠ ଉତ୍ପଳ କେଶରୀ ପରିଡ଼ା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧୁସ୍ମିତା ଧଳ, ଜୟନ୍ତି ରଣା, ରଞ୍ଜିତା ଦାସ, ସ୍ୱେତା ବେହେରା, ବିମଳା ବେହେରା, ପରମିତା, ତାପସ ରଞ୍ଜନ ଗିରି, ରୀନାରାଣୀ ବ୍ରହ୍ମ, ଶୁଭଲକ୍ଷ୍ମୀ କୁଣ୍ଡ, ଶୁଭଶ୍ରୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ଚୋରା ମଦ ଚାଲାଣ, ଗାଡ଼ି ଜବତ

## ମାଲିକଙ୍କୁ ଗାଡ଼ି ଫେରାଇଲା ଖନ୍ତାପଡ଼ା ପୁଲିସ









**ବାହାନଗା, ୭।୨ (ସମିସ) :** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ପୁଲିସ ୪ଟି ମଦ ବୋଝେଇ ବାଇକକୁ ଜବତ କରିଥିଲା। ପରେ ଜବତ ହୋଇଥିବା ଗାଡ଼ି ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବାର ଜାଣିବାକୁ ପାଇଥିଲା। ପରେ ସେହି ଗାଡ଼ିକୁ ପ୍ରକୃତ ଗାଡ଼ି ମାଲିକଙ୍କୁ ଫେରାଇ ପ୍ରଶଂସା ସାଉଁଟିଛି ଖନ୍ତାପଡ଼ା ଥାନା ପୁଲିସ। ଖବର ଅନୁସାରେ, ବାହାନଗା ବ୍ଲକ ଖନ୍ତାପଡ଼ା ଏବଂ ଗୋପାଳପୁର ଥାନା ଅଞ୍ଚଳରେ ବେଆଇନ ଦେଶୀ ମଦର ବନ୍ୟା ହେଉଛି। ପୁଲିସ ମଦ ଚାଲାଣକୁ ରୋକିବା ପାଇଁ ଜଗିଥିବା ବେଳେ ମଦ ମାଫିଆଙ୍କ ଏକ୍ସକଟ ଗାଡ଼ି ପୁଲିସକୁ ଜଗିଛି। ଗତ ୧୩ ତାରିଖ ଦିନ ଖନ୍ତାପଡ଼ା ଆଇଆଇସି ବିରଞ୍ଚି ସାହୁ ପୁରୁଣା ବାଲେଶ୍ୱର ଅଞ୍ଚଳରୁ ବାହାନଗା ଅଭିମୁଖେ କୁଳିଗାଁ ରାସ୍ତା ଦେଇ ଏକାଧିକ ବାଇକ ଯୋଗେ ଚୋରା ଦେଶୀ ମଦ ଚାଲାଣ ହେଉଥିବାର ଖବର ପାଇଥିଲେ। ପରେ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ମଦ ବୋଝେଇ ଗାଡ଼ିକୁ ଧରିବାକୁ କୁଳିଗାଁ ରାସ୍ତା ନିକଟରେ ଜଗି ରହିଥିଲେ। ଅପରାହ୍ନ ୨ ଟା ସମୟରେ ୪ଟି ମଦ ବୋଝେଇ ବାଇକ ଆସୁଥିବା ବେଳେ ପୁଲିସକୁ ଦେଖି ମଦ ଚାଲାଣକାରୀ ମାନେ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ପୁଲିସ ୪ଟି ମଦ ବୋଝେଇ ଗାଡିକୁ ଜବତ କରିବା ସହ ୧୦୦୦ ଲିଟର ଦେଶୀ ମଦ ଜବତ କରି ଥାନାକୁ ଆଣିଥିଲା। ଏ ନେଇ ଖନ୍ତାପଡ଼ା ଥାନାରେ ୧୩/୨୦୨୪ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଖନ୍ତାପଡ଼ା ପୁଲିସ ଜବତ ହୋଇଥିବା ୪ ଗୋଟି ଗାଡ଼ିର ଇଞ୍ଜିନ ଏବଂ ଚେଚିସ ନମ୍ବରକୁ ଆରଟିଓ ମାଧ୍ୟମରେ ତଦନ୍ତ କରିଥିଲେ। ପରେ ଏହି ଗାଡ଼ି ଗୁଡ଼ିକ ଚୋରି ଗାଡି ହୋଇଥିବା ବେଳେ ଏହା ବାଲେଶ୍ୱର ଜିଲ୍ଲା ଟାଉନ ଥାନା ସମେତ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା, ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଜଣାପଡ଼ିଥିଲା। ଏମିତି କି ସ୍ଥାନୀୟ ଥାନାରେ ଗାଡ଼ି ମାଲିକ ଗାଡ଼ି ଚୋରୀ ହୋଇଥିବା ନେଇ ଅଭିଯୋଗ ଆଣିଥିବାର ପୁଲିସ ଜାଣିବାକୁ ମଧ ପାଇଥିଲା। ପରେ ଆରଟିଓଙ୍କ ସୂଚନା ମୁତାବକ ଗାଡ଼ି ମାଲିକଙ୍କ ନାମ ଜଣା ପଡ଼ିବା ପରେ ପ୍ରକୃତ ଗାଡ଼ି ମାଲିକ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଅଞ୍ଚଳର ବିପ୍ର ଚରଣ ବିନ୍ଧାଣି, ବଡ଼ସାହି ଅଞ୍ଚଳର ଗୌର ମୋହନ ବେହେରା, ବାଲେଶ୍ୱର ଜିଲ୍ଲା ଟାଉନ ଥାନା ଜେଲ ରୋଡ୍ ଅଞ୍ଚଳର ପ୍ରଣବ କୁମାର ମହାପାତ୍ର, ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଅଞ୍ଚଳର ଶଶୀକାନ୍ତ ଦତ୍ତଙ୍କୁ ଡକାଇ ସେମାନଙ୍କର ଚୋରି ହୋଇଥିବା ବାଇକ୍‌କୁ ପୁଲିସ ଫେରାଇ ଥିବା ଜଣାପଡ଼ିଛି। ଅନ୍ୟପଟେ ଥାନାରେ ବହୁ ଗାଡ଼ି ବର୍ଷବର୍ଷ ଧରି ଖତ ଖାଉଥିବା ବେଳେ ଖନ୍ତାପଡ଼ା ଥାନା ପୁଲିସର ତୁରନ୍ତ ଆକ୍ସନକୁ ସବୁଆଡେ ପ୍ରଶଂସା କରାଯାଉଛି।

## ପାନଚାଷୀଙ୍କ ବିୟୋଗ

**ଚୌକି, ୭।୨(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ପଞ୍ଚାୟତ ସାନତେଘରୀ ଗ୍ରାମର ବିଶିଷ୍ଟ ପାନ ଚାଷୀ ନୀଳକଣ୍ଠ ପାତ୍ରଙ୍କ ୯୦ ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ପାତ୍ର ଜଣେ ବିଶିଷ୍ଟ ପାନ ଚାଷୀ ଥିଲେ। ପାନବରଜ କରି ପରିବାରର ପ୍ରତିପୋଷଣ କରୁଥିବା ବେଳେ ସେ ପାନଚାଷୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ଉନ୍ନତ ପ୍ରଣାଳୀରେ ପାନ ଚାଷ କରି ଏ ଅଞ୍ଚଳର ବହୁତ ପରିବାରକୁ ସେ ପାନଚାଷର ଶିକ୍ଷା ଦେଇଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ସାନତେଘରୀ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ସମୟରେ ତାଙ୍କର ଏକ ମାତ୍ର ପୁତ୍ର ଜନ୍ମଜୟ ପାତ୍ର, ପୁତ୍ରବଧୂ ଦୁର୍ଗାମଣି ପାତ୍ର, ତିନି ଝିଅ, ନାତି ସୁମନ୍ତ ପାତ୍ର, ସୁସାନ୍ତ ପାତ୍ର, ଅଜିତ୍ ପାତ୍ର, ସାମନ୍ତ ପାତ୍ର ସୁଜିତ ପାତ୍ର ଓ ସୁଜିତ ଜେନା ଉପସ୍ଥିତ ଥିଲେ। ସମାଜସେବୀ ଦୀପକ ପାତ୍ର, ଜଗନ୍ନାଥ ଗିରି, ଦେବବ୍ରତ ମୈଶାଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ସତ୍କାର କରାଯାଇଥିଲା। ପୁତ୍ର ଶ୍ରୀ ପାତ୍ର ମୁଖାଗ୍ନି ଦେଇଥିଲେ।



## ଜିଲ୍ଲାସ୍ତରୀୟ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ସମ୍ବର୍ଦ୍ଧନା ଉତ୍ସବ



**ବାଲେଶ୍ୱର, ୭।୨(ସମିସ):** ଫକୀର ସ୍ୱୟଂଶାସିତ ମହାବିଦ୍ୟାଳୟର ହେରିଟେଜ ହଲ୍ ପରିସରରେ ଜିଲ୍ଲାସ୍ତରୀୟଛାତ୍ରୀଆତ୍ମସୁରକ୍ଷାପ୍ରଶିକ୍ଷଣକାର୍ଯ୍ୟକ୍ରମର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏକ ବୈପ୍ଳବିକ ପରିବର୍ତ୍ତନ ଓ ସୁଦୂରପ୍ରସାରୀ ଉନ୍ନତି ଆଣିବା ଉପଲକ୍ଷେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ଦ୍ୱାରା ଏକ ଅଭିନବ ଚିନ୍ତାଧାରାରେ ଏହାକୁ ଆୟୋଜନ କରାଯାଇଛି। ଏହା ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ପ୍ରତିଦିନ ଉପଲବ୍ଧ ହେଉଥିବା ଉକ୍ତ କାର୍ଯ୍ୟକ୍ରମର ଫଟୋ ଓ ଭିଡ଼ିଓ ସହିତ ଅନ୍ୟାନ୍ୟ କ୍ଷେତ୍ରକୁ ଆଧାର କରି ଅଧ୍ୟକ୍ଷଙ୍କ ପରାମର୍ଶ କ୍ରମେ ଏକ ଜିଲ୍ଲା ସ୍ତରୀୟ ଚୟନ କମିଟି ଦ୍ୱାରା ସ୍ଥିରୀକୃତ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟର ୨୦ ଜଣ ଅଧ୍ୟକ୍ଷ, ୧୭ ଜଣ ସଂଯୋଜକ, ୭ ଜଣ ମାଷ୍ଟର ଟ୍ରେନର ଓ ୮ ଜଣ ଛାତ୍ରୀ ପ୍ରଶିକ୍ଷିକା ମାନଙ୍କୁ ଏହା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଦର ବିଡ଼ିଓ ସମରଜିତ କର ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗ ଦେଇ ବାଲେଶ୍ୱର ଜିଲ୍ଲାର ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପ୍ରେରଣା ଦେଇଥିଲେ। ଜିଲ୍ଲା ସଂଯୋଜକ ଡ. ସନ୍ତୋଷ କୁମାର ରାଉତ ଏହାକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଧିକାରୀ ଶୁଭଶ୍ରୀ ସ୍ୱାଇଁ, ଅନୁପମା ବେହେରା ଏବଂ ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟତମ ନୋଡାଲ ଅଧିକାରୀ ଅସ୍ମିତା ଗୁରିଆ ଧନ୍ୟବାଦ ଦେଇଥିଲେ।

## ଗାଁକୁ ଚାଲ ଅଭିଯାନ

**ଦହମୁଣ୍ଡା, ୭।୨ (ସମିସ):** ଭୋଗରାଇ ନିର୍ବାଚନ ମଣ୍ଡଳୀର ୩୨ନମ୍ବର ଜୋନ ର କମର୍ଦ୍ଦା ମଣ୍ଡଳର ବିଜେପି ପକ୍ଷରୁ ଗାଁକୁ ଚାଲ ଅଭିଯାନ ବୁଥ ସତ୍ୟାପନ ସାଙ୍ଗଠନିକ ବୈଠକ କମର୍ଦ୍ଦା ବିଜେପି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ରେ ବୈଠକ ରେ ୧୦ଟି ପଞ୍ଚାୟତର ତ୍ରିଦେବ, ଭାରତୀୟ ଜନତା ପାର୍ଟି ର ୭ଟି ମୋର୍ଚ୍ଚା ସଭାପତି, ୪୯ଟି ବୁଥ ସଭାପତି ଏବଂ ମଣ୍ଡଳ କାର୍ଯ୍ୟକାରିଣୀ କମିଟି ଏବଂ ଜିଲ୍ଲାପଦାଧିକାରୀ, ରାଜ୍ୟ ପଦାଧିକାରୀ ସହିତ ୧୦ଟି ପଞ୍ଚାୟତ ଦେବଦୁଲଭ୍ୟ କାର୍ଯ୍ୟକର୍ତ୍ତା ସାଙ୍ଗଠନିକ ବୈଠକରେ ଅଂଶ ଗ୍ରହଣ କରିଥିଲେ।

## ଆଦର୍ଶ ଶିକ୍ଷକ ରାଧାଗୋବିନ୍ଦ ଦେଙ୍କ ସ୍ମୃତିସଭା

**ଦହମୁଣ୍ଡା, ୭।୨(ସମିସ) :** ଭୋଗରାଇ ବ୍ଲକ ଖରିଦପିପଳ ପଞ୍ଚାୟତ ଅନ୍ତର୍ଗତ ନୟାପାଲି ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାଧାଗୋବିନ୍ଦ ଦେଙ୍କ ଆଜି ତ୍ରୟୋଦଶ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦର ସମ୍ପାଦକ ଆଇନଜୀବୀ ରାଜକିଶୋର ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କୃଷିବିଭାଗ ନିର୍ଦ୍ଦେଶକ ଭୂପତି ପାତ୍ର, ମୁଖ୍ୟବକ୍ତା ଭାବେ ପଣ୍ଡିତ ରାଜେନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଜୟରାମପୁର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ରମେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହେମନ୍ତ ବେହେରା, ଅବସରପ୍ରାପ୍ତ ସେନା ଅଧିକାରୀ ସତ୍ୟବାଦୀ ପାତ୍ର, ପ୍ରାକ୍ତନ ଖରିଦପିପଳ ସେବା ସମବାୟ ସମିତିର ସଭାପତି ଆଶୁତୋଷ ମହାନ୍ତି, ଦୈନିକ ଖବରକାଗଜ ପ୍ରମେୟ କମର୍ଦ୍ଦା ପ୍ରତିନିଧି ରାଜକୁମାର ଜେନା, ବରିଷ୍ଠ ନାଗରିକ ହରିଶ ଚନ୍ଦ୍ର ଦାସ, ନୟପାଲି ଗ୍ରାମ ସଭାପତି ତରୁଣ କାନ୍ତି ପାତ୍ର, ଜାମାତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦେଙ୍କ ଶିକ୍ଷକ ଜୀବନର ଛାଡ଼ିଥିବା ଛାପ ବିଷୟରେ ଆଲୋକପାତ କରିବା ସହିତ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦିବଂଗତ ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ କୃତିଛାତ୍ର ତଥା ସାମ୍ବାଦିକ ଶିବନାରାୟଣ ପାତ୍ର ସ୍ୱର୍ଗତ ଦେଙ୍କୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବା ଦିଗରେ ବାଲ୍ୟ ଗୁରୁ ମାନଙ୍କ ଭୂମିକା ଅତୁଳନୀୟ ରହିଥାଏ ବୋଲି ଅଭିଭାଷଣ ରଖିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ସମୟରେ ତିନିପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତିନାତୁଣୀ, ଛାତ୍ରଛାତ୍ରୀ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

### ● ଶ୍ରଦ୍ଧାପୁର ପଞ୍ଚାୟତରେ ବିକାଶର ଧାରା

## ସମୀକ୍ଷା କଲେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଡିଓ

**ଚନ୍ଦନେଶ୍ୱର, ୭।୨ (ସମିସ) :** ଭୋଗରାଇ ପଞ୍ଚାୟତ ସମିତି ଆୟୋଜିତ ଶ୍ରଦ୍ଧାପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପଞ୍ଚାୟତର ବିକାଶର ଧାରା ସମ୍ବର୍ଦ୍ଧରେ ଅବଗତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ପଞ୍ଚାୟତର ସରପଞ୍ଚ ପ୍ରତ୍ୟାଶା ପାତ୍ର ସଞ୍ଚାଳନ କରିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବିର କୁମାର ଗିରି ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଭାବେ ଉମାକାନ୍ତ ପରିଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୋଗରାଇ, ଯୋଗ ଦେଇଥିବା ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ୩୫ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ସହକାରୀ ଯନ୍ତ୍ରୀ ପପୁ ଭୂୟାଁ, ପ୍ରଦୀପ୍ତ ରାଉତ, କନିଷ୍ଠ ଯନ୍ତ୍ରୀ ସବିତା ଜେନା ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ତେବେ ପଞ୍ଚାୟତ ବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ୧୪ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୧୮୪୯ ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ୧୨୫ ହିତାଧିକାରୀ ଉପକୃତ ହେବା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ୧ଟି ପ୍ରକଳ୍ପ ପାଇଁ ୪ ଲକ୍ଷ ଟଙ୍କା, ୭୮୦ ପରିବାର କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ସାମାଜିକ ସୁରକ୍ଷା ପାଇଁ ୩୬୫ ହିତାଧିକାରୀଙ୍କୁ ଭତ୍ତା, ୫୮ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ମୋଟ ୨୦୩ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ୧୮୪୯ ପରିବାରଙ୍କୁ ରେସନ୍ କାର୍ଡ଼, ମମତା ଯୋଜନାରେ ୯୧ଗର୍ଭବତୀ ମହିଳାଙ୍କୁ ମମତା ସହାୟତା, ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକାରଣ, ଲକ୍ଷ୍ମୀ ଯୋଜନା ମାଧ୍ୟମରେ ପଞ୍ଚାୟତରେ ୧୫.୧୨.୨୦୨୩ ରୁ ଲକ୍ଷ୍ମୀ ବସ୍ ସେବା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ, ଶାନ୍ତିନଗର ହନୁମାନ ମନ୍ଦିର, ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ, କୃଷକ ପରାମର୍ଶ ଗୃହ, ମିଶନ ଶକ୍ତି ଗୃହ, ୫-ଟି ଅନ୍ତର୍ଗତ ଶ୍ରଦ୍ଧାପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଦିର ଉନ୍ନତି କରଣ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବା ସହିତ ଉନ୍ନୟନ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ପଞ୍ଚାୟତ ବାସୀ ଯୋଗଦେଇଥିବା ବେଳେ ଅତିଥି ପରିଚୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କାଜଲ ବାସ୍କେ ଓ ଜିଆରଏସ ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

## କନିଷ୍ଠରେ ସ୍ମୃତିସମ୍ପୂର୍ଣ୍ଣା ଓ ସୌରଭ, ବରିଷ୍ଠରେ ଶୁଭଶଙ୍କର ପ୍ରଥମ

**ଭୋଗରାଇ, ୭।୨ (ସମିସ) :** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ- ୨୦୨୪କୁ ସ୍ମରଣୀୟ କରିବା ପାଇଁ ସମଗ୍ର ରାଜ୍ୟରେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତାରେ ଭୋଗରାଇ ବ୍ଲକର ଛାତ୍ରଛାତ୍ରୀ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। କନିଷ୍ଠ ଓ ବରିଷ୍ଠ ବିଭାଗରେ ଚିତ୍ରକଳା, କୁଇଜ୍ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ କନିଷ୍ଠ ବିଭାଗ ଚିତ୍ରକଳାରେ କାନ୍ଠିଥଭଉଁରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ସ୍ମୃତିସମ୍ପୂର୍ଣ୍ଣା ସୁର ଓ କୁଇଜରେ ଚନ୍ଦନେଶ୍ୱର ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ସୌରଭ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗ କୁଇଜରେ ବିଦ୍ୟାଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଶୁଭଶଙ୍କର ଭଞ୍ଜ ପ୍ରଥମ ଓ ତର୍କରେ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ସପନ ତ୍ରିପାଠୀ ତୃତୀୟ ସ୍ଥାନ ହାସଲ କରି ଭୋଗରାଇ ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ଏ ନେଇ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ଋଷଭ କୁମାର ମହାପାତ୍ର, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ବିକାଶ ପାତ୍ର, ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ ଓ ସମ୍ପାଦକ ନଟରଞ୍ଜନ ଘରାଇ, ଉତ୍ତର ଭୋଗରାଇ ଓଷ୍ଟା ସଭାପତି ଗୌରୀଶଙ୍କର ତ୍ରିପାଠୀ ଓ ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି, ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘ ରାଜ୍ୟ ସଭାପତି ସୁଶାନ୍ତ କୁମାର ବେହେରା, ଭୋଗରାଇ ବ୍ଲକ ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘ (ଏନ୍‌ପିଏସ) ସଭାପତି ବେନୁଚରଣ ଜେନା ଓ ସମ୍ପାଦକ ଗୌତମ କୁମାର ଦତ୍ତ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଭୋଗରାଇ ବ୍ଲକ ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଓ ସମ୍ପାଦକ ଅଜିତ କୁମାର ସାମଲ ପ୍ରମୁଖଙ୍କ ସମେତ ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କମର୍ଦ୍ଦା, ୭।୨ (ସମିସ): ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ବେଲଦାର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଉକ୍ତ ଉତ୍ସବର ଶୈକ୍ଷିକ ନିହିତାର୍ଥ ଉପରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ନନ୍ଦଙ୍କ ଅଭିଭାଷଣ ପ୍ରେରଣା ଦାୟକ ଥିଲା। ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ରାଜେନ୍ଦୁ ବିକାଶ ପାତ୍ର, ଜୀବନକୃଷ୍ଣ ଦେ, ଦିଲ୍ଲୀପ କୁମାର ଧଳ, ପଦ୍ମଲୋଚନ ପାତ୍ର, ଦେବଦତ୍ତ ପତି ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତେ ଶିକ୍ଷାର ସଫଳତା ପାଇଁ ଅଭିଭାବକ ଓ ଗୋଷ୍ଠୀର ସକ୍ରିୟ ସମ୍ପୃକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ସୁନାରାମ ବେହେରା ସଭାପତି କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ଜଗବନ୍ଧୁ ଖଟୁଆ ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ପୁରସ୍କାରରେ କମର୍ଦ୍ଦା ହାଇସ୍କୁଲ ସାମିଲ



କମର୍ଦ୍ଦା, ୭।୨(ସମିସ): ଓଡ଼ିଶା ଶିକ୍ଷା ପୁରସ୍କାର ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଶିକ୍ଷକ, ଛାତ୍ରଛାତ୍ରୀ ସହିତ ସ୍କୁଲକୁ ସାମିଲ କରାଯାଇଛି। ଏଥିରେ ଜିଲ୍ଲାର ପାଞ୍ଚଟି ସ୍କୁଲ ମଧ୍ୟରେ ଭୋଗରାଇ ବ୍ଲକର କମର୍ଦ୍ଦା ସ୍ଥିତ ଜଗନ୍ନାଥ ସରକାରୀ ସ୍କୁଲ ସାମିଲ ହୋଇଛି। ବାହାନଗାର ମଣିଭଦ୍ର ସରକାରୀ ସ୍କୁଲ ଗୋପାଳପୁର, କିର୍ତ୍ତୀଚନ୍ଦ୍ର ହାଇସ୍କୁଲ ନାରାୟଣପୁର, ପୁରୁଷୋତ୍ତମ ହାଇସ୍କୁଲ ବଡ଼କଉରଦା ର ରତେଇ, କୁଞ୍ଜବିହାରୀ କୃପାସିନ୍ଧୁ ହାଇସ୍କୁଲ ତାପଣ୍ଡିଆ ଓ ଜଗନ୍ନାଥ ସରକାରୀ ହାଇସ୍କୁଲ କମର୍ଦ୍ଦାକୁ ମାନ୍ୟତା ମିଳିଛି। ସେଥିପାଇଁ ସ୍କୁଲ ତରଫରୁ ଶିକ୍ଷା ବିଭାଗ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗହଣା ଦୋକାନରୁ ଚୋରି ଉଦ୍ୟମ



ସିମୁଳିଆ, ୭।୨(ସମିସ): ଗହଣା ଦୋକାନ ସଟର କାଟି ଚୋରି ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଭିନ୍ନ ଭିନ୍ନ ସ୍ଥାନରେ ଦୋକାନ, ଘର ଓ ବାଇକ ଚୋରି ତଥା ହତ୍ୟା ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତାହାର ସୁରାକ ପୋଲିସ ହାତରେ ଲାଗି ପାରୁନି। ଫଳରେ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣ ଭୟଭୀତ ଅବସ୍ଥାରେ। ଅତା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଲକ୍ଷ୍ମୀ ନାରାୟଣ ଗହଣା ଦୋକାନରୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସଟର କାଟି ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିବାର ଜଣାଯାଇଛି। ଏ ସଂକ୍ରାନ୍ତରେ ଗହଣା ଦୋକାନ ମାଲିକ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାଯାଇଛି। ଅଭିଯୋଗ ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରିଛି।

## ସୁବର୍ଣ୍ଣରେଖା ମଣ୍ଡଳ ବିଜେପି ଯୁବମୋର୍ଚ୍ଚାର ବୈଠକ

ଜଳେଶ୍ୱର ବ୍ଲକ/ରାଇବଣିଆ ୭।୨ (ସମିସ): ବୁଧବାର ବାଲେଶ୍ୱର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କ ଆହ୍ୱାନ କ୍ରମେ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜଳେଶ୍ୱର ସୁବର୍ଣ୍ଣରେଖା ମଣ୍ଡଳ ଯୁବମୋର୍ଚ୍ଚାର ସଭାପତି ବିପ୍ଳବ ପ୍ରଧାନ ପରିଚାଳନା କରିଥିଲେ। ବାଲେଶ୍ୱର ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା, ମଣ୍ଡଳ ସଭାପତି ବିଶ୍ୱରୂପ ଦାସ, ସଂଗ୍ରାମ ପରିଡ଼ା, ଫାଲ୍ଗୁନୀ ପାଣିଗ୍ରାହୀ, ପରମାନନ୍ଦ ମହାପାତ୍ର, ତନ୍ମୟ ଚାନ୍ଦ, ମନମୋହନ ଆଚାର୍ଯ୍ୟ, କମଳ ଲୋଚନ ପାଳ, ଜ୍ୟୋତ୍ସ୍ନା ମହାନ୍ତି, ସରୋଜ ଦତ୍ତ ପ୍ରମୁଖ ଯୁବନେତା ଯୋଗ ଦେଇ ନିଜର ମତାମତ ରଖିବା ସହ ଯୁବଶକ୍ତିକୁ ସଂଗଠିତ କରିବେ ବୋଲି କହିଥିଲେ।

### ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# କୋଠା ନିର୍ମାଣ ନିମ୍ନମାନର ଅଭିଯୋଗ

ବାଲେଶ୍ୱର(ଉତ୍ତର)/ ଚୌକି, ୭।୨ (ସମିସ) :



ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ସାଙ୍ଗକୁ ବିଭିନ୍ନ ଯୋଜନା ମାଧ୍ୟରେ ରୋଗୀ ମାନେ ଉପକୃତ ହେଉଥିବା ବେଳେ ରୋଗୀଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ନୂତନ ଘର ନିର୍ମାଣ କରାଯାଉଛି। ସରକାର ଏଭଳି ପ୍ରୟାସ ଜାରି ରଖିଥିବା ବେଳେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟ କରି ଠିକାଦାର ମାଲେମାଲ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଭୋଗରାଇ ଶାଖା ବାଲେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି।

ପ୍ରକାଶ ଯେ, ଓଡ଼ିଶାର ସର୍ବବୃହତ ଜନବହୁଳ ବ୍ଲକ ଭାବେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ପରିଚିତ। ଏହି ବ୍ଲକ ଅଧୀନରେ ୫୦ଟି ପଞ୍ଚାୟତ ଥିବାବେଳେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମାନେ ବସବାସ କରନ୍ତି। ଏହି ବ୍ଲକର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ପ୍ରମୁଖ ଡାକ୍ତରଖାନା। ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଆସୁଥିବା ବେଳେ ରୋଗୀଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ ହେଉଛି। ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଅନନ୍ତ ଦାସ ଏହି ଗୃହର ଶିଳାନ୍ୟାସ କରିଥିଲେ। ଏହି ନିର୍ମାଣ କାର୍ଯ୍ୟର ସମ୍ପୂର୍ଣ୍ଣ ଦାୟିତ୍ୱ ଏନପିସିସି ନାମକ ଠିକାସଂସ୍ଥାକୁ ଦିଆଯାଇଥିବା ବେଳେ ଗୃହ ନିର୍ମାଣ ଦିନଠାରୁ ନିମ୍ନ ମାନର ବାଲି, ଚିପ୍ସ, ଇଟା ଓ ଲୁହା ଛଡ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ଏପରିକି ପ୍ରାୟ ଏକବର୍ଷ ଧରି କୋଟି କୋଟି ଟଙ୍କାର କାର୍ଯ୍ୟ

### ସୁଧାର ନ ଆସିଲେ, ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଚେତାବନୀ

କରାଯାଉଥିବା ବେଳେ ଏପର୍ଯ୍ୟନ୍ତ ନିର୍ମାଣ ସ୍ଥଳରେ ଫଳକ ଲାଗିନାହିଁ। ତେବେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ ପରିସରରେ ଏଭଳି ବିନା ଫଳକରେ ଓ ନିମ୍ନମାନର କାର୍ଯ୍ୟ ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କାହିଁକି ନୀରବ ଦ୍ରଷ୍ଟା ସାଜିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଭୋଗରାଇ ଶାଖା ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଶୁଣୁ ନଥିବା ଅଭିଯୋଗ ଆଣିଛି କମିଟି। ଏହି କାର୍ଯ୍ୟର ତଦନ୍ତ କରାଯିବା ସହିତ ସମ୍ପୃକ୍ତ ଠିକାସଂସ୍ଥା ଓ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ବିଭାଗ ଯଦି ଚୁପ ବସିବ ତେବେ କମିଟି ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାମାଜିକ କର୍ମୀ ଦିଲ୍ଲୀପ କମିଲା, ଭୃଗୁରାମ କରଶର୍ମା, ଚିତ୍ତରଞ୍ଜନ ଦାସ, ଡାକ୍ତର ଶ୍ରୀଶ କୁମାର ଦାସ, ପ୍ରଦୀପ ଦାସ ପ୍ରମୁଖ କମିଟିର ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଏ ବାବଦରେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କମଳାକାନ୍ତ ଜେନା କହିଛନ୍ତି ଆମର ସେଥିରେ କୌଣସି ସମ୍ପୃକ୍ତି ନାହିଁ ଏବଂ କିଭଳି କାର୍ଯ୍ୟ କରୁଛି ଆମେ ଅବଗତ ଅଛୁ।

## ଦୁର୍ଘଟଣାରେ ମୃତ ଡ୍ରାଇଭରଙ୍କ ପରିବାରକୁ ୯ ୯ ହଜାର ଟଙ୍କା ସହାୟତା ପ୍ରଦାନ



ଭୋଗରାଇ, ୭।୨ (ସମିସ) : ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥର ବାଟଗ୍ରାମ ନିକଟସ୍ଥ କମର୍ଦ୍ଦା ଥାନା ଅନ୍ତର୍ଗତ ପାଣିସାହି ପୋଲ ନିକଟରେ ଗତ ଜାନୁଆରୀ ୨୬ ତାରିଖ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ ଭୋଗରାଇ ଥାନା ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଶ୍ରୀବତ୍ସପୁର ଗ୍ରାମର ଜନୈକ ଡ୍ରାଇଭର ସୁଜୟ କୁମାର ପାତ୍ର ଓରଫ ଶଙ୍କର (୪୫) ଏବଂ ତାଙ୍କ କଲେଜ ପଢୁଆ ଝିଅ ବର୍ଷା ପ୍ରିୟଦର୍ଶିନୀ ପାତ୍ର (୧୬)। କେବଳ ଜିଲ୍ଲା ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ମାତ୍ର ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏଭଳି ସମୟରେ ଓଡ଼ିଶା ଡ୍ରାଇଭର ମହାସଂଘ (ବାଲେଶ୍ୱର) ପକ୍ଷରୁ ମୃତ ଡ୍ରାଇଭର ସୁଜୟଙ୍କ ପରିବାରକୁ ନଗଦ ୯ ହଜାର ୫୬୦ ଟଙ୍କା ଆର୍ଥିକ ସହାୟତା ସହିତ ତାଙ୍କ ପତ୍ନୀଙ୍କ ବ୍ୟାଙ୍କ ଜମା ଖାତାରେ ୯୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏ ନେଇ ମୃତ ସୁଜୟଙ୍କ ଶ୍ରୀବତ୍ସପୁରସ୍ଥିତ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାକୁ ଡ୍ରାଇଭର ମହାସଂଘ ଭୋଗରାଇ ବ୍ଲକ ଶାଖା ଆଡମିନ ସଞ୍ଜୟ କୁମାର ମହାନ୍ତି ପରିଚାଳନା କରିଥିଲେ। ଏଥିରେ ଡ୍ରାଇଭର ମହାସଂଘ ବାଲେଶ୍ୱର ସଦର ବ୍ଲକ ଶାଖାରୁ ପ୍ରତାପ ଦାସ, ଜଳେଶ୍ୱର ବ୍ଲକ ଶାଖାରୁ ଭାସ୍କର ମହଲା, ବସ୍ତା ବ୍ଲକ ଶାଖାରୁ ଦୟାନିଧି ସେନ, ବାଲିଆପାଳ ବ୍ଲକ ଶାଖାରୁ ପ୍ରଭାକର ମହାନ୍ତି, ଭୋଗରାଇ ବ୍ଲକ ଶାଖାର ବରିଷ୍ଠ ସଦସ୍ୟ ଚନ୍ଦନ ମହାନ୍ତି, ଦୀପକ ଦାସ, ଘନଶ୍ୟାମ ମହାନ୍ତି, ଶିବଶଙ୍କର ଆଚାର୍ଯ୍ୟ, ଭଗୀରଥ ସାହୁ, ପରମେଶ୍ୱର ଦାସ, ସୁରେଶ ଖିଲାର, ମୃତ୍ୟୁଞ୍ଜୟ ବାରିକ, ଗୌରୀଶଙ୍କର ଦାସ, ସଞ୍ଜୟ ପାତ୍ର, ଉତ୍ତମ ମିଶ୍ର, ହିତଶ୍ରୀ ହାଡିବନ୍ଧୁ ଦେବନାଥ, ପ୍ରଭାକର ଗିରି ପ୍ରମୁଖ ଯୋଗଦେଇ ଦିବଙ୍ଗତ ସୁଜୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ମୃତ ବାପ ଝିଅଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ପୂର୍ବକ ତାଙ୍କର ସ୍ମୃତିଚାରଣ କରିଥିଲେ। ଏଥିରେ ଭୋଗରାଇ ବ୍ଲକ ଶାଖାର ବହୁ ସଦସ୍ୟ ଓ ସହକର୍ମୀ ସହଯୋଗୀ ଅଂଶଗ୍ରହଣ କରିଥିଲେ।

## ଜବତ ବାଣ ନିଷ୍କ୍ରିୟକଲା ମେରାଇନ୍ ପୁଲିସ



ଭୋଗରାଇ, ୭।୨, (ସମିସ) : ବାୟୁ ଓ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ଗତ ଦୀପାବଳି ପର୍ବ ପାଳନ ପୂର୍ବରୁ ଦୋକାନ ବଜାରରେ ବେଆଇନ ବାଣ ବିକ୍ରି ଉପରେ ସରକାର ନିଷେଧାଦେଶ ଜାରି କରିଥିଲେ। କେବଳ ଦୀପାବଳୀ ନୁହେଁ, ସମସ୍ତ ପର୍ବପର୍ବାଣୀରେ କେବଳ ସବୁଜ ବାଣ ଓ ଫଟକା ବ୍ୟବହାରକୁ ଅନୁମତି ଦିଆଯାଇଥିଲା। ମାତ୍ର ବେଆଇନ ବାଣ ବ୍ୟବସାୟୀ ମାନେ ଏହି ନିଷେଧାଦେଶକୁ ଖାତିର ନକରି ବେଧଡକ ଭାବେ ବାଣ ବ୍ୟବସାୟ ଚଳାଇଥିଲେ। ତେଣୁ ଗତ ଦୂର୍ଗାପୂଜା ଓ ଦୀପାବଳିରେ ଦୋକାନ ବଜାରରେ ଏହି ବେଆଇନ ବାଣ ବିକ୍ରି ଉପରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ତାଳସାରି ମେରାଇନ ଥାନା ପକ୍ଷରୁ ଚନ୍ଦନେଶ୍ୱର ବଜାର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ଚଢାଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରାଯାଇଥିଲା। ଏବେ ତାଳସାରି ମେରାଇନ ଥାନା ପକ୍ଷରୁ ଅତ୍ୟନ୍ତ ସୁରକ୍ଷିତ ଭାବେ ଏବଂ ପୁଲିସ ପ୍ରଶାସନ, ଅଗ୍ନିଶମ ବିଭାଗ ଓ ବମ୍ ସ୍କ୍ୱାର୍ଡ ଉପସ୍ଥିତିରେ ୪୦ ହଜାର ଟଙ୍କାରୁ ଅଧିକ ଜବତ ବାଣ ନିଷ୍କ୍ରିୟ କରାଯାଇଛି। ବାଲେଶ୍ୱର ବମ ସ୍କ୍ୱାର୍ଡ ଅଧିକାରୀ ଯୋଗେନ୍ଦ୍ର ହେମ୍ବ୍ରମ, ଆସ୍ତିକ ଚନ୍ଦ୍ର ମଲ୍ଲିକ ଏହି ସମସ୍ତ ଜବତ ବାଣ ଥାନା ନିକଟସ୍ଥ ଏକ ଖୋଲା ପଡ଼ିଆରେ ନିଷ୍କ୍ରିୟ କରିଥିଲା ବେଳେ ଭୋଗରାଇ ଅଗ୍ନିଶମ ଓ ଜରୁରୀକାଳୀନ କେନ୍ଦ୍ର ଅଧିକାରୀ ପଞ୍ଚାନନ ସୋରେନ ଏବଂ ତାଳସାରି ମେରାଇନ ଥାନା ଆଇଆଇସି ଚମ୍ପାବତୀ ସୋରେନଙ୍କ ସହିତ ଉଭୟ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଜଳେଶ୍ୱର ମହୋତ୍ସବ ଉଦ୍‌ଯାପିତ



ଜଳେଶ୍ୱର ବ୍ଲକ, ୭।୨ (ସମିସ): ଜଳେଶ୍ୱର ବଡବଜାର ମହୋତ୍ସବ ପଡ଼ିଆରେ ଦୀର୍ଘ ୯ ଦିନ ଧରି ଚାଲିଥିବା ମହୋତ୍ସବ ଉଦଯାପିତ ହୋଇଛି। ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ମହୋତ୍ସବ ସୃଷ୍ଟିର ବିନ୍ଧାଣୀ ତଥା ବିଡ଼ିଓ ସନ୍ତୋଷ କୁମାର ମିଶ୍ର ଅତୀତର ସ୍ମୃତିର ମନ୍ଥନ କରିଥିଲେ। ଉପାନ୍ତ ଅଞ୍ଚଳରେ ଭାଷା ସାହିତ୍ୟ ସଂସ୍କୃତିର ଜାଗ୍ରତ ପ୍ରହରୀ ଭାବେ ଜଳେଶ୍ୱର ମହୋତ୍ସବ ଦୁଇ ରାଜ୍ୟ ସୀମା ଅଞ୍ଚଳରେ ନୃତ୍ୟ, ସଙ୍ଗୀତ ଓ ପ୍ରତିଭା ର ବିକାଶ କରିଚାଲିଛି। ବିବିଧତା ମଧ୍ୟରେ ଏକତା ରକ୍ଷା କରି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷ ରେ ସେ ସମସ୍ତଙ୍କୁ ଏକ କରି ଆଗେଇ ଥିବାର କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୌରପାଳ ପ୍ରତୀପ କୁମାର ପ୍ରଧାନ, ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ନିତ୍ୟ ଗୋପାଳ ଦାସ, ଶିଶିର କୁମାର ହୁଇ, ପ୍ରବୀର କୁମାର ପ୍ରଧାନ, ଜିତାଂଶୁ ଶେଖର ନନ୍ଦୀ, ସମିର କୁମାର ପାତ୍ର ଓ ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ସାହୁ, ସୌଭାଗ୍ୟ ରଞ୍ଜନ ମିଶ୍ର, ସୁଶାନ୍ତ କୁମାର ଦାସ, ନବେନ୍ଦୁ ପ୍ରଧାନ, ସୁବ୍ରତ ରଣା ଓ ଲେଲିନ୍ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୋଲକାତାର କ୍ରିଷ୍ଟ ଅନୁଷ୍ଠାନ, ମହୋତ୍ସବ ସାଜସଜ୍ଜା କରିଥିବା ବ୍ୟକ୍ତି, ପ୍ରତିଭାଧର ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ସୁନା ବୋହୂ ପ୍ରମୁଖଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ଜଳେଶ୍ୱର ଦର୍ପଣ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ଅସ୍ମିତା-୨୦୨୪ ଉଦ୍‌ଯାପିତ



ବାଲିଆପାଳ, ୭।୨(ସମିସ) :

ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଦୁଇଦିନିଆ 'ଅସ୍ମିତା' କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେସନ ବାଲେଶ୍ୱରର ମୁଖ୍ୟ ପ୍ରମୋଦ କୁମାର ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଅତିଥି ଭାବେ ବାଲିଆପାଳ ତହସିଲଦାର ଜନକ କୁମାର ନାୟକ, ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ଦାସ, ଜିଲ୍ଲା ମିଶନ ଶକ୍ତି ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ବାଲେଶ୍ୱର ଉଦ୍ଭକ ବାମୂଲ ର ଜେନେରାଲ ମ୍ୟାନେଜର ରଶ୍ମି ରେଖା ବିନ୍ଧାଣି, କୃଷି ବୈଜ୍ଞାନିକ ଅଦ୍ୱୈତ କୁମାର ପାତ୍ର, ବୈଜ୍ଞାନିକ ଡଃ ବିଶ୍ୱନାଥ ସାହୁ ଡ. ସୁକାନ୍ତ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଟାଟା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଭିନ୍ନ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇ ନାରୀ ସଶକ୍ତିକରଣ ପାଇଁ ୧୭୦ଜଣ ମହିଳା, ଜଳବାୟୁ ସହନଶୀଳ କୃଷି ଆନୁସାଙ୍ଗିକ କୃଷି ପଦ୍ଧତି ଦ୍ୱାରା ୧୦ ଜଣ କୃଷକ, ଶ୍ରେଷ୍ଠ କ୍ଷୀର ଉତ୍ପାଦନ ସମିତି କ୍ଷୀରର ମୂଲ୍ୟ ଯୁକ୍ତ ଖାଦ୍ୟ ସାମଗ୍ରୀ ପାଇଁ ରାଧାରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, ହସ୍ତଶିଳ୍ପ ଚାଦୁଆ ପାଇଁ ସୁବର୍ଣ୍ଣାସହେଲି ଶ୍ରୀରାମପୁର ଗ୍ରୁପ୍, ଜଳବାୟୁ ପଦ୍ଧତି ସାମୁଦ୍ରିକ ମତ୍ସ୍ୟ ସମିତିରୁ ୯ ଜଣଙ୍କୁ ନୌକା ଇଞ୍ଜିନ ପ୍ରଦାନ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ କୃତ୍ରିମ ପ୍ରଜନନ ଉପରେ ପ୍ରଶିକ୍ଷଣ ନେଇଥିବା ଦୁଇ ଜଣଙ୍କୁ ସାର୍ଟିଫିକେଟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଟାଟା ଷ୍ଟିଲ ଫାଉଣ୍ଡେସନ ର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ସିମୁଳିଆ, ୭।୨(ସମିସ): ମାର୍କୋଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିୟା ଗ୍ରାମରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଗୌରାଙ୍ଗ ବେହେରାଙ୍କ ସଭାପତିତ୍ୱରେ ରାଇକୋଳା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୌତମ ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରା ବିବେକା ନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ସବିତା ରାଣୀ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜନ କୁମାର ସାମଲ, ଓ ଉପଦେଷ୍ଟା ତ୍ରୈଲୋକ୍ୟ ନାଥ ବେହେରା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ଉମାକାନ୍ତ ନାୟକ ଯୋଗଦେଇ ଆଧୁନିକତା ଭିତରେ ପୁରାତନ ଧିରେ ଧିରେ ହଜି ଯାଉଛି ତା'ର ପୁନରୁଦ୍ଧାର କରିବା ନିମନ୍ତେ ଅଭିଭାବକମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବସନ୍ତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜମିଦାରଙ୍କ ପତ୍ନୀ ବିୟୋଗ



ଜଳେଶ୍ୱର ବ୍ଲକ, ୭।୨ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ଜମାଲପୁର ଗ୍ରାମର ଶେଷ ଜମିଦାର ସ୍ୱର୍ଗତ ଶିବକିଙ୍କର ଦାସଙ୍କ ସ୍ତ୍ରୀ ବାସନ୍ତୀଲତା ଦାସ(୯୪)ଙ୍କ ନିଜ ଗ୍ରାମରେ ଗତ ମଙ୍ଗଳବାର ସକାଳେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥାଇ ଦୁଇ ମାସ ତଳେ ପଡ଼ି ଯାଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ବେଳକୁ ଜ୍ୟେଷ୍ଠ ପୁତ୍ର ନିର୍ମଳ ଚନ୍ଦ୍ର ଦାସ, ପୁତ୍ରବଧୂ ଅନିତା ଦାସ ଉପସ୍ଥିତ ଥିଲେ। ବଡ ଝିଅ ଭବାନୀ ରାୟ, ସାନ ଝିଅ କଲ୍ୟାଣୀ ଦାସ ଅଧିକାରୀ, ପରିବାର ବର୍ଗ, ଉପସ୍ଥିତ ଥିଲା ବେଳେ ସାନପୁଅ ବିମଳ ଚନ୍ଦ୍ର ଦାସ ସୁବର୍ଣ୍ଣରେଖା ନଦୀ କୂଳରେ ମୁଖାଗ୍ନି ଦେଇଥିଲେ। ସେ ଜଣେ ମେଳାପି, ମିଷ୍ଟଭାଷୀ, ପରୋପକାରୀ, ଦରଦୀ, ଆଧ୍ୟାତ୍ମିକ ପ୍ରେମୀ ମହିଳା ଥିଲେ।

